ସାପ୍ତାହିକ
ସ୍ୱୀକାର
Postal Regd. No.: SBP/14/2025-2027
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.29 | Issue - 27 | 06 - 12 July 2025 | Sambalpur | Pages- 8 | Invitation Price Rs.10

## ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ମିଳିଲା ଦୁଇଟି ଅନ୍ତଃ ରାଷ୍ଟ୍ରୀୟ ପୁରସ୍କାର



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜଣେ ବିଶିଷ୍ଟ ରାଜନେତା ତଥା ତାଙ୍କ ପ୍ରଭାବଶାଳୀ ବିଶ୍ୱ ନେତୃତ୍ୱର ସ୍ୱୀକୃତି ସ୍ୱରୂପ ଘାନାର ଜାତୀୟ ସମ୍ମାନ 'ଅଫିସର ଅଫ୍ ଦି ଅର୍ଡର ଅଫ୍ ଦି ଷ୍ଟାର ଅଫ୍ ଘାନା' ମିଳିଛି । ଘାନାର ରାଷ୍ଟ୍ରପତି ଜନ୍ ଡ୍ରାମାନି ମହାମା ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି ।



ସେହିପରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ତ୍ରିନିଦାଦ ଏବଂ ଟୋବାଗୋର ସର୍ବୋଚ୍ଚ ଜାତୀୟ ପୁରସ୍କାର 'ଦି ଅର୍ଡର ଅଫ୍ ଦି ରିପବ୍ଲିକ୍ ଅଫ୍ ତ୍ରିନିଦାଦ ଆଣ୍ଡ ଟୋବାଗୋ' ମିଳିଛି । ତ୍ରିନିଦାଦ ଏବଂ ଟୋବାଗୋର ରାଷ୍ଟ୍ରପତି ଖ୍ରୀଷ୍ଟିନ୍ କାର୍ଲା କଙ୍ଗାଲୁ ମୋଦୀଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି । ବିଶ୍ୱ ନେତୃତ୍ୱ ଓ କରୋନା ମହାମାରୀ ସମୟରେ ଦେଖାଇଥିବା ମାନବିକତା ପାଇଁ ମୋଦୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏ ପର୍ଯ୍ୟନ୍ତ ଶ୍ରୀ ମୋଦୀଙ୍କୁ ୨୫ ଟି ଆନ୍ତର୍ଜାତୀୟ ପୁରସ୍କାର ମିଳିଛି ।

# ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଲୋକାର୍ପଣ କଲେ କେନ୍ଦ୍ରମନ୍ତ୍ରୀ











ସମ୍ବଲପୁର : କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବରଗଡ଼ ରାସ୍ତାରେ କଣ୍ଟାପାଲି, ଝାରସୁଗୁଡ଼ା ରାସ୍ତାରେ ପରଧିଆପାଲିରେ ଏହି ସ୍ୱାଗତ ତୋରଣକୁ ଉଦ୍‌ଘାଟନ କରିଛନ୍ତି । ଦୁର୍ଗାପାଲି ଛକରେ 'ନମସ୍ତେ' ପ୍ରତିକୃତିକୁ ଲୋକାପର୍ଣ କରିଛନ୍ତି । ଏହାସହ ସମ୍ବଲପୁର ଆରଡିସି କାର୍ଯ୍ୟାଳୟ ପରିସରରେ ମହାନ ବିପ୍ଲବୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି । ଏହି ଅବସରରେ ଆରଡିସି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷକୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ନାଁରେ ନାମିତ କରାଯାଇଛି ।

ଶ୍ରୀ ପ୍ରଧାନ ଏହି ଗସ୍ତ କାଳରେ ପ୍ରଥମେ ସମ୍ବଲପୁରର କଣ୍ଟାପାଲି ଠାରେ ବରଗଡ଼ ପାର୍ଶ୍ୱ ଓ ପରଧିଆପାଲି ଝାରସୁଗୁଡ଼ା ପାର୍ଶ୍ୱରେ 'ଐହିତ୍ୟ ସ୍ୱାଗତ ସମ୍ବଲପୁର ତୋରଣ' ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସେ କହିଥିଲେ, ସ୍ଥାନୀୟ ଅଞ୍ଚଳର କଳା, ସଂସ୍କୃତି, ଐତିହ୍ୟ ଏବଂ ପରମ୍ପରାର ଝଲକ ଥିବା ଲୋକାର୍ପିତ ସ୍ୱାଗତ ତୋରଣ ସହରକୁ ଆସୁଥିବା ପଥଚାରୀଙ୍କୁ ଆକର୍ଷିତ କରିବ । ସମ୍ବଲପୁର ମହାନଗର ନିଗମକୁ ଅଧିକ ସୁନ୍ଦର କରିବାରେ ଏହି ପଦକ୍ଷେପ



ପ୍ରଶଂସନୀୟ । ଆକର୍ଷଣୀୟ ସହର କରିବା ପାଇଁ ସମସ୍ତେ ଉଦମ୍ୟ କରିବା । ଆଗକୁ ସମ୍ବଲପୁରକୁ ଅଧିକ ଆକର୍ଷଣୀୟ ଓ ସୌନ୍ଦର୍ଯ୍ୟ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ପରେ ଶ୍ରୀ ପ୍ରଧାନ ଅଇଁଠାପାଲି ଠାରେ ନବନିର୍ମିତ ସିଦ୍ଧି ବିନାୟକ ମନ୍ଦିରରେ ଦର୍ଶନ କରିଥିଲେ ।

ଏହି ଗସ୍ତ ସମୟରେ ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ, ସ୍ଥାନୀୟ ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରୀ ନାୟକ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପ୍ରମୁଖ ଉପସ୍ଥିତ ଥିଲେ ।

# ନୀଳାଦ୍ରୀଶ ଜଗନ୍ନାଥଙ୍କ ଲୀଳା ଜଗତକଲ୍ୟାଣର ଆଧାର




ଭୁବନେଶ୍ୱର: ଭକ୍ତକୁ ଆଶ୍ଚର୍ଯ୍ୟମୟ-ଲୀଳାରେ ଆନନ୍ଦ ବିତରଣ ସହ ଜଗତର କଲ୍ୟାଣ ସମ୍ପାଦନ କରିବାରେ ନୀଳାଦ୍ରୀଶ ଶ୍ରୀଜଗନ୍ନାଥ ସତତ ଧୁରନ୍ଧର । ତାଙ୍କ ନାମ ଓ ମହିମା ଶ୍ରବଣ ଦ୍ୱାରା ଭକ୍ତକୁ ଭୁକ୍ତି, ଭକ୍ତି ଓ ମୁକ୍ତି ସୁଲଭ ହୋଇଥାଏ ବୋଲି ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ ଆୟୋଜିତ ହୋଇ ଯାଇଥିବା ଶ୍ରୀଜଗନ୍ନାଥ ଚେତନା ଆଧାରିତ ସ୍ୱତନ୍ତ୍ର ଭକ୍ତିମୟ ସତ୍ର 'ଲୀଳାମୟ ନୀଳାଦ୍ରୀଶ' ଅବସରରେ ବିଶିଷ୍ଟବକ୍ତାମାନେ ମତ ପ୍ରକାଶ କରିଛନ୍ତି ।
ଏହି ସଭାରେ ମୁଖ୍ୟଅତିଥିଭାବରେ ଯୋଗଦେଇ ଜାତୀୟ ମାନବାଧିକାର ଆୟୋଗର ସଦସ୍ୟ ନ୍ୟାୟମୂର୍ତ୍ତି ଡକ୍ଟର ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ଶ୍ରୀଜଗନ୍ନାଥସଂସ୍କୃତିର ଉଚ୍ଚାଙ୍ଗ ଆଦର୍ଶଗତ ମହନୀୟତା ସଂପର୍କରେ ଆଲୋକପାତ କରିବା ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିର ଉଦାର-ସାମାଜିକ-ପରମ୍ପରା ଉପରେ ବକ୍ତବ୍ୟ ରଖିଥିଲେ ।

ରାଜ୍ୟ ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଜଗନ୍ନାଥ ଚେତନା କିପରି ବିଶ୍ୱଜୀବନର ମଧୁମୟୀ ବାର୍ତ୍ତା ପ୍ରଦାନ କରେ ସେ ସଂପର୍କରେ କହିଥିଲେ । ତିରୁପତି ସ୍ଥିତ ରାଷ୍ଟ୍ରିୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧାପକ ଡକ୍ଟର ଭାରତଭୂଷଣ ରଥ ବରେଣ୍ୟ ବକ୍ତା ଭାବରେ ଶ୍ରୀଜଗନ୍ନାଥ- ସଂସ୍କୃତିରେ ନୀଳମାଧବତତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିଲେ । ଭଞ୍ଜଭାରତୀର ସଭାପତି ତଥା ବିଶିଷ୍ଟ ଜଗନ୍ନାଥ ଚେତନା - ପ୍ରବକ୍ତା ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ କଳାମୟ-ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମ - ରୂପ- ଲୀଳା- ଧାମର ଯଥାର୍ଥ ତାତ୍ପର୍ଯ୍ୟ ଓ ଲୋକଶିକ୍ଷା ସଂପର୍କରେ ବିସ୍ତୃତଭାବେ ବକ୍ତବ୍ୟ କରିଥିଲେ । ଏହି ଅବସରରେ ସାମାଜିକ ତଥା ଆଧାତ୍ମିକ ସେବା ମାଧମରେ ଶ୍ରୀ ଜଗନ୍ନାଥ ଚେତନାର ପ୍ରଚାର-ପ୍ରସାର-କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ରାଉରକେଲାର କୋଏଲନଗର ସ୍ଥିତ 'ଶ୍ରୀଜଗନ୍ନାଥ ଓ ବାବା ଆଖଣ୍ଡଳମଣି ମନ୍ଦିର ନ୍ୟାସ'କୁ ମର୍ଯ୍ୟାଦାଜନକ 'ଭଞ୍ଜଭାରତୀ ସାଂସ୍କୃତିକ ସମ୍ମାନ-୨୦୨୫' ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ 'ନାଦ ବ୍ରହ୍ମ' ଅନୁଷ୍ଠାନପକ୍ଷରୁ ମହାପାତ୍ର ମିନତି ଭଞ୍ଜ ଓ ପ୍ରଫେସର ଜଗନ୍ନାଥ କୁଅଁର ଶ୍ରୀଗୀତଗୋବିନ୍ଦ ଏବଂ ଶ୍ରୀଜଗନ୍ନାଥ ଜଣାଣ ପରିବେଷଣ କରିଥିଲେ । ଭଞ୍ଜଭାରତୀର କୋଷାଧକ୍ଷା ଶୈଳଜା ମିଶ୍ର ସଭା ସଂଯୋଜନା ଓ ସଦସ୍ୟ ଗିରିଜା ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଭଞ୍ଜଭାରତୀର ଉପସଭାପତି ସୁରେଶ୍ୱର ପାଣିଗ୍ରାହୀ, ସଂପାଦିକା ଶୁଭଶ୍ରୀ ମିଶ୍ର, ବରିଷ୍ଠସଦସ୍ୟ ବିନାୟକ ରଥ, ଗତିକୃଷ୍ଣ ଦାଶ, ଅସୀମା ତ୍ରିପାଠୀ, ଦିଲ୍ଲୀପ ଦାସ, ଡକ୍ଟର ନୀଳମାଧବ ପ୍ରଧାନ, ସନ୍ତୋଷ ବେହେରା, ନରେନ୍ଦ୍ର ସାହୁ, ଆଶୁତୋଷ ମହାସୁଆର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଇଣ୍ଡିଆ ବୁକ ଅଫ ରେକର୍ଡସରେ ସ୍ଥାନ ପାଇଲେ ରଞ୍ଜନ ସାଗର

ବରଗଡ଼: ବରଗଡ ଜିଲ୍ଲାର ଗୁଦେର ପାଲି ଗ୍ରାମର ବହୁଭାଷୀ କବି, ହାସ୍ୟଲେଖକ, ଗୀତିକାର ଏବଂ ସାମାଜିକ କର୍ମୀ ରଞ୍ଜନ ସାଗର ଇଣ୍ଡିଆ ବୁକ ଅଫ ରେକର୍ଡସ ୨୦୨୫ରେ ସ୍ଥାନ ପାଇଛନ୍ତି । ଶ୍ରୀ ସାଗର ବିଭିନ୍ନ ଭାଷାରେ କବିତା ଲେଖି ୫୧ ଗୋଟି ସାର୍ଟିଫିକେଟ ପାଇଛନ୍ତି । ତାଙ୍କର ଲେଖା ବିଦେଶୀ ସାହିତ୍ୟିକ ପତ୍ରିକା ଇଟାଲୀ, ୟୁଏସଏ, ଜର୍ମାନୀ, ସ୍ପେନ, ବୋସନିଆ, ହର୍ଜେଗୋଭିନା ତଥା ଚୀନ, ନିୟୁୟର୍କ, ଢାକା, ବାଂଲାଦେଶ ଖବର କାଗଜରେ ତାଙ୍କରି ଲିଖିତ ଇଂରାଜୀ କବିତା ସ୍ଥାନ ପାଇଛି । ତାଙ୍କର କବିତା ହେଉ କି ବ୍ୟଙ୍ଗ କାହାଣୀ




ତାହା କେବଳ ଲୋକଙ୍କର ମନୋରଞ୍ଜନ ପାଇଁ ସୀମିତ ନୁହେଁ ବରଂ ଏଥିରେ ସାମାଜିକ ବାର୍ତ୍ତା ରହିଥାଏ । ରଞ୍ଜନ ଓଡିଶାର ପଶ୍ଚିମାଞ୍ଚଳ ର ନାମିଦାମୀ ପ୍ରଯୋଜକ ସଂସ୍ଥା -ପାଣିନୀ ପ୍ରାଙ୍କ ପ୍ରଡକ୍ସନ, ଯୋଯୋ ଯେ ୫ ପ୍ରଡକ୍ସନ, ମି. ଡୋଲୁ କମେଡି, ମି. ଚାନ୍ଦ କମେଡି ଆଦି ସୁନାମଧନ୍ୟ ପ୍ରଡକ୍ସନରେ ହାସ୍ୟ ଲେଖକ ଭାବରେ କାମ କରିଛନ୍ତି । ଲେଖନୀ ବ୍ୟତୀତ ସେ ସମାଜରେ ଅବହେଳିତ ନିଷ୍ପେସିତ ଲୋକଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଲକ୍ଷ୍ୟ ନେଇ ସମାଜ ସେବା କାର୍ଯ୍ୟ ମଧ କରନ୍ତି । ସେ ରଞ୍ଜିତ ସାଗର ଏବଂ ସୁମିତ୍ରା ସାଗରଙ୍କର ପୁଅ ଅଟନ୍ତି ।

# ଦେବଗଡ଼ରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ





ଦେବଗଡ଼ : ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେବଗଡ ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ '୭୬ତମ ବନ ମହୋତ୍ସବ ସପ୍ତାହ-୨୦୨୫'ରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ 'ଏକ୍ ପେଡ୍ ମା' କେ ନାମ ୨.୦' ଅଭିଯାନରେ ସାମିଲ ହୋଇ ସମସ୍ତେ ଗଛ ଲଗାଇବା । ଘର ଠାରୁ ଆରମ୍ଭ କରି ସ୍କୁଲ, କଲେଜ, ରାସ୍ତା, ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଗଛ ଲଗାଇ ପର୍ଯ୍ୟାବରଣକୁ ସୁରକ୍ଷିତ ରଖିବାକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ । ଅଭିଯାନରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସହ ସ୍କୁଲ ଛାତ୍ରଛାତ୍ରୀ, ଯୁବ ସଂଗଠନ, ସାମାଜିକ ସଂଗଠନ, ସ୍ୱେଚ୍ଛାସେବୀ, ପରିବେଶବିତ ଓ ପ୍ରକୃତିପ୍ରେମୀ ସାମିଲ ହୋଇ ଗଛ ଲଗାଇଥିଲେ । ଦେବଗଡ଼ ବନଖଣ୍ଡ ତରଫରୁ ସ୍ୱତନ୍ତ୍ର ପଦକ୍ଷେପ ସ୍ୱରୂପ ଏକ ଭ୍ରାମ୍ୟମାଣ ସବୁଜ ରଥକୁ ଶ୍ରୀ ପ୍ରଧାନ ଶୁଭାରମ୍ଭ କରିବା ସହ ବୃକ୍ଷରୋପଣ, ବନିକରଣ ଓ ସୁସ୍ଥ ପରିବେଶ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏସଏଚଜି ସଦସ୍ୟା ଏବଂ ଗଜସାଥୀଙ୍କୁ ସମ୍ମାନିତ କରିଥିଲେ । କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଂଚାୟତି ରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ, ଦେବଗଡ଼ ବିଧାୟକ ରାମାଞ୍ଚ ରଞ୍ଜନ



ବିଶ୍ୱାଳ ଓ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ସହ ତିଳେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ ଓ ଜିଲ୍ଲା ବିଜେପି ସଭାପତି ଅରୁଣ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ । ସେହିପରି ଶ୍ରୀ ପ୍ରଧାନ 'ଗରିବ କଲ୍ୟାଣ ଓ ବିକାଶ ସମାବେଶ'ରେ ଯୋଗଦେଇ ୧୪ଟି ବିଭାଗର ପ୍ରାୟ ୧୬୩ କୋଟି ଟଙ୍କାର ୪୫ଟି ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଥିଲେ । କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ଶ୍ରୀ ପ୍ରଧାନ ଦେବଗଡ଼ରେ ନବନିର୍ମିତ ବସ୍ ଟର୍ମିନାଲ ଲୋକାର୍ପଣ କରିଥିଲେ । ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ୫ଟି ବର୍ଜ୍ୟବସ୍ତୁ ପରିଚାଳନା ଗାଡ଼ି ଓ ମଶା ଧୂଆଁ ଗାଡ଼ିର ଶୁଭାରମ୍ଭ କରିଥିଲେ ।

## ହକିର ପ୍ରଚାର ପ୍ରସାର ଦିଗରେ ବିଧାୟକଙ୍କ ଉଦ୍ୟମ

ଝାରସୁଗୁଡା : ଝାରସୁଗୁଡା ଜିଲ୍ଲା ହକି ସଂଘ ହକିକୁ ଜିଲ୍ଲାରେ ଲୋକପ୍ରିୟ କରିବା ପାଇଁ ଚେଷ୍ଟା ଜାରି ରଖିଥିବା ବେଳେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଏଥିପାଇଁ ସହଯୋଗର ହାତ ବଢ଼ାଇଛନ୍ତି । ଭିତ୍ତି ଭୂମିର ବିକାଶ ସହ ପିଲାଙ୍କୁ ପ୍ରୋତ୍ସାହନ ସକାଶେ ଉପକରଣ ଯୋଗାଇ ଦିଆ ଯାଇଛି । ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ତରଫରୁ ଝାରସୁଗୁଡା ଜିଲ୍ଲା ହକି ସଂଘକୁ ଦିଆ ଯାଇଥିବା ହକି ଷ୍ଟିକ ଓ ସରଞ୍ଜାମ ଲଇକେରା ବ୍ଲକରେ ଥିବା ଆରଏମପିଏସ ବିଦ୍ୟାଳୟରେ ଏକ ଉତ୍ସବ ଅନୁଷ୍ଠିତ ହୋଇ ଏମପିଏସ ବିଦ୍ୟାଳୟ ଏବଂ ବାବୁଚିପୀଢ଼ି ହି ବିଦ୍ୟାଳୟକୁ ବିଧାୟକ ଶ୍ରୀ ତ୍ରିପାଠୀ ସ୍କୁଲର ଛାତ୍ର ଛାତ୍ରୀଙ୍କୁ ୩୦ଟି ହକି ଷ୍ଟିକ ପ୍ରଦାନ କରିଛନ୍ତି । ଏହି ଉତ୍ସବରେ ଓଡିଶା ହକି ସଙ୍ଘର ଉପସଭାପତି ଜୀବନ ମହାନ୍ତି ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ହକି ସଂଘର ସମ୍ପାଦକ ସନାତନ ସାହୁ, ଜିଲ୍ଲା ଆଥଲେଟିକ ସଂଘର ସହ ସମ୍ପାଦକ ସୋନୁ ରୋନାଲଡ଼, ହକି ସଂଘର ଜ୍ୟୋତି ଲାଟ୍, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ବିମଳ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଞ୍ଚ ପରିଚାଳନା କରିଥିଲେ ।

## ଉତ୍କର୍ଷ ଦିଗରେ ବଢ଼ନ୍ତୁ

ମାନବ ଜୀବନ ଏହି ସୃଷ୍ଟିର ବହୁମୂଲ୍ୟ ଉପହାର । କାରଣ ଏଥିରେ ବିକାଶର ଅସୀମ ସମ୍ଭାବନା ବିଦ୍ୟମାନ । ଅନ୍ୟ ଯୋନିଗୁଡ଼ିକର ବି ନିଜସ୍ୱ ବିଶେଷତା ରହିଛି, ଯେଉଁମାନେ ପ୍ରକୃତିର ନିୟମଗୁଡ଼ିକର ଅଧୀନରେ ରହି ଏକ ସହଜ ଜୀବନଯାପନ କରନ୍ତି, କିନ୍ତୁ ବିକାଶର ପ୍ରକ୍ରିୟା ଏଠାରେ ସ୍ୱଚାଳିତ ହୋଇଥାଏ ଏବଂ ସୀମିତ ରହିଥାଏ । ଏଠାରେ ଭୁଲ, ଅସଫଳତାଗୁଡ଼ିକର ସମ୍ଭାବନା କମ୍ ହୋଇଥାଏ, କିନ୍ତୁ ବିକାଶର ସୁଯୋଗ ମଧ କମ୍ ଥାଏ ।

କୌଣସି ବାଘ ବା ଗାଈ କେବେ କୌଣସି ଭୁଲ କରିବାର ଦେଖାଯାଏ ନାହିଁ ତଥା ପ୍ରାୟଶ୍ଚିତ୍ତ ଓ ସୁଧାର କରିବାର ମଧ ଦେଖାଯାଏ ନାହିଁ । ପୁଣି ସେମାନେ କୌଣସି ନୂତନ ଜ୍ଞାନ-ବିଜ୍ଞାନର ସୃଜନ କରିବାର ଦେଖାଯାଏ ନାହିଁ, କୌଣସି ପ୍ରକାର ଆତ୍ମବୋଧ ବା ମୋକ୍ଷ ପ୍ରାପ୍ତ ହେବାର ମଧ ଦେଖାଯାଇ ନ ଥାଏ । ଏହା କେବଳ ମନୁଷ୍ୟ ଯୋନିରେ ହିଁ ସମ୍ଭବ । ଦେବତାମାନଙ୍କୁ ମଧ ସ୍ୱର୍ଗରେ ନିଜର ଭୋଗ ଭୋଗି ମୋକ୍ଷ ପାଇଁ ଧରିତ୍ରୀରେ ମାନବ ଶରୀର ଧାରଣ କରିବାକୁ ପଡ଼ିଥାଏ ।

ମାନବ ଜୀବନରେ ନିଜର ଅନ୍ତର୍ନିହିତ ଦିବ୍ୟତା କାରଣରୁ ପ୍ରତ୍ୟେକ ବ୍ୟକ୍ତି ମଧରେ ଉତ୍କୃଷ୍ଟତା ଓ ପୂର୍ଣ୍ଣତାର ଇଚ୍ଛା ନୈସର୍ଗିକ ରୂପେ ବିଦ୍ୟମାନ ଥାଏ, କିନ୍ତୁ ଏହି ଶିଖର ପର୍ଯ୍ୟନ୍ତ ଆରୋହଣ ସିଧା ମାର୍ଗରେ ନ ହୋଇ ଅଙ୍କାବଙ୍କା ମାର୍ଗରେ ହୋଇଥାଏ । ମାଉଣ୍ଟ ଏଭେରେଷ୍ଟ ବା କୌଣସି ପର୍ବତ ଶିଖର ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ଅନେକ ରହଣି ଦେଇ ଯିବାକୁ ପଡ଼ିଥାଏ, ଯେଉଁଥିରେ' ସମତଳ ଘାଟିରୁ ନେଇ ଗଭୀର ଖାଇ, କନ୍ଦରା-ଗୁମ୍ଫା, ହିମନଦୀ, ସିଧା ଚଢ଼ାଣି, କଠିନ ଚଟାଣ, ଖସଡ଼ା ଢାଲୁ ଚଟାଣକୁ ପାର କରିବାକୁ ପଡ଼ିଥାଏ ।

ରାସ୍ତାରେ ପର୍ବତ ଶିଖରର ଦର୍ଶନ କରି ପଥିକ ରୋମାଞ୍ଚିତ ହୋଇଯାଏ । ଲକ୍ଷ୍ୟ ସ୍ଥଳ ତାକୁ ସାମନାରେ ଦେଖା ଯାଇଥାଏ । କିନ୍ତୁ ମଝିରେ ରହଣି ସ୍ଥଳଗୁଡ଼ିକ ମଧରେ ଲକ୍ଷ୍ୟ ଉଭେଇ ଯାଏ ।

କେବେ କେବେ ମନେହୁଏ ଯେ ଆମେ ପଛକୁ ହଟିଯାଉଛୁ, ତଳକୁ ଚାଲିଯାଉଛୁ, ଲକ୍ଷ୍ୟର ବିପରୀତ ଚାଲୁଛୁ, କିନ୍ତୁ ଯଦି ଦିଶା ଠିକ୍ ଥାଏ, ଲକ୍ଷ୍ୟ ସ୍ପଷ୍ଟ । ତେବେ ପ୍ରତ୍ୟେକ ଖସଡ଼ା, ପ୍ରତ୍ୟେକ ପଡ଼ିବା, ପ୍ରତ୍ୟେକ ବିଚଳନ ମଧ ପଥିକକୁ ଲକ୍ଷ୍ୟ ଦିଗରେ ହିଁ ନେଇଯାଇଥାଏ ଏବଂ ଶେଷରେ ଏହି ଧୈର୍ଯ୍ୟ, ନିଷ୍ଠା ଐକାନ୍ତିକ ପ୍ରୟାସ ପଥକକୁ ଶିଖର ପର୍ଯ୍ୟନ୍ତ ଅବଶ୍ୟ ପହଞ୍ଚାଇ ଦିଏ ତଥା ସଫଳତାର ପତାକା ଉଚ୍ଚ ହୋଇଯାଏ ।

ଏହା ହେଉଛି ଜୀବନର କାହାଣୀ । ଏଥିରେ ଅସଫଳତା, ଦୋଷ–ତ୍ରୁଟି, ଅସାବଧାନତା, ସବୁ ଯାତ୍ରାର ଅଂଶ । ଜୀବନର ନିର୍ମାଣରେ, ଚରିତ୍ର ଗଠନରେ ସଫଳତା ଅର୍ଜନରେ, ବିଭୂତିଗୁଡ଼ିକର ଜାଗରଣ ଓ ବିକାଶରେ, ଖୋଳାଯାଇଥିବା ଖାଇକୁ ପୋତିବାର କ୍ରମରେ ରାସ୍ତା ଏସବୁ ବାଧା— ବିଘ୍ନଗୁଡ଼ିକ ଓ ଅନିବାର୍ଯ୍ୟ ସୋପାନଗୁଡ଼ିକ ଦେଇ ଯାଇଥାଏ ତଥା ଯାତ୍ରାକୁ ରୋଚକ ଏବଂ ରୋମାଞ୍ଚକ କରିଥାଏ ।

ସ୍ୱାମୀ ବିବେକାନନ୍ଦ ବହୁତ ସୁନ୍ଦର ଭାବରେ କହିଛନ୍ତି ଯେ ଏହି ଭୁଲଗୁଡ଼ିକ ଜୀବନର ସୌନ୍ଦର୍ଯ୍ୟ । ଯଦି ଏସବୁ ନ ଥାଆନ୍ତା ତ ଆଜି ଆମେ ସଫଳତା ଓ ଉତ୍କୃଷ୍ଟତାର ଏହି ଶିଖରରେ ପହଞ୍ଚି ନ ଥାଆନ୍ତେ । ଏହାକୁ ଖୋଲା ହୃଦୟରେ, ହାତ ପ୍ରସାରି ସ୍ୱାଗତ କରନ୍ତୁ । ଏସବୁରୁ ଆବଶ୍ୟକ ଶିକ୍ଷା ନେଇ ଆଗକୁ ବଢ଼ନ୍ତୁ, ନିଶ୍ଚୟ ଲକ୍ଷ୍ୟ ପ୍ରାପ୍ତ ହେବ ।

ଚରିତ୍ରର ନିର୍ମାଣ ଗୋଟିଏ ଦିନରେ ହୋଇ ନ ଥାଏ, ହଜାର ଆଘାତ ଖାଇଲା ପରେ ହିଁ ଏହାର ଗଠନ ହୋଇଥାଏ । ଯଦି ଆପଣ ଏକ ଆଦର୍ଶ ସହିତ ହଜାର ଭୁଲ କରିବେ, ତେବେ ଏହା ମାନି ନିଅନ୍ତୁ ଯେ ବିନା ଆଦର୍ଶରେ ଏହି ଭୁଲ ହଜାର ହଜାର ଗୁଣ ଅଧିକ ହେବ । ଏଣୁ ଜୀବନରେ ଉଚ୍ଚ ଆଦର୍ଶ ରହିବା ଏକାନ୍ତ ଆବଶ୍ୟକ, ଜୀବନ ଲକ୍ଷ୍ୟ ସ୍ପଷ୍ଟ ହେବା ଆବଶ୍ୟକ ।

ପୁଣି ପ୍ରତ୍ୟେକ ଅସଫଳତା ଆମକୁ ଲକ୍ଷ୍ୟର ସମୀପକୁ ନେଇଥାଏ, ସଫଳତାର ମାର୍ଗକୁ ସରଳ କରିଥାଏ । କାରଣ ପ୍ରତ୍ୟେକ ଅସଫଳତା ଓ ଦୋଷ– ତ୍ରୁଟିରୁ ମିଳୁଥିବା ଶିକ୍ଷା ଆମକୁ ଅଧିକ ବୁଦ୍ଧିମାନ୍ ଓ ଜୀବନ୍ତ କରିଥାଏ ଏବଂ ଆମେ ଏକ ନୂତନ ଅନ୍ତଦୃଷ୍ଟି ଓ ଅଧ୍ୟ ସମଗ୍ରତା ପୂର୍ବକ ଜୀବନ ମାର୍ଗର ସନ୍ଧାନ କରିଥାଉ । ବାସ୍, ଅସଫଳତା ଓ ଦୋଷ – ତ୍ରୁଟିଗୁଡ଼ିକରେ ବିଚଳିତ ହୁଅନ୍ତୁ ନାହିଁ । ଏଗୁଡ଼ିକୁ ସଫଳତାର ଆବଶ୍ୟକ ସୋପାନ ମାନି ଆଗକୁ ବଢ଼ନ୍ତୁ ।

କେତେକ ବ୍ୟକ୍ତି ଅସଫଳତା ପ୍ରତି ବିଚଳିତ ହୋଇ ପ୍ରୟାସ ହିଁ କରନ୍ତି ନାହିଁ । ଆରମ୍ଭିକ ପାହୁଣ୍ଡ ହିଁ ଉଠାନ୍ତି ନାହିଁ, ଯାହା ଜୀବନର ଏକ ଭୟଙ୍କର ଭୁଲ ହୋଇଥାଏ କାରଣ ହଜାର ମାଇଲର ଯାତ୍ରା ଗୋଟିଏ ପାହୁଣ୍ଡରୁ ହିଁ ଆରମ୍ଭ ହୋଇଥାଏ । ତେଣୁ ଲକ୍ଷ୍ୟକୁ ନିର୍ଦ୍ଧାରିତ କରିବା ତଥା ପ୍ରଥମ ସାହସିକ ପଦକ୍ଷେପ ଉଠାଇବାର ଆବଶ୍ୟକତା ରହିଛି । ପୁଣି ପ୍ରତ୍ୟେକ ପଦକ୍ଷେପ ସହିତ ଆଗର ପଥ ସ୍ୱତଃ ସ୍ପଷ୍ଟ ହୋଇଯାଏ ଏବଂ ଲକ୍ଷ୍ୟ ଆଡ଼କୁ ପାଦ ବଢ଼ିବାକୁ ଲାଗେ । ନିଃସନ୍ଦେହ ରୂପେ ଅନନ୍ତ ଧୈର୍ଯ୍ୟ ଏବଂ ଅଧବସାୟ ପୂର୍ବକ ରାସ୍ତାରେ ଲାଗି ରହିବାକୁ ପଡ଼େ, ତେବେ ଯାଇ ରାସ୍ତାର ପ୍ରତ୍ୟେକ ଅସଫଳତା ଜୀବନର ଶୃଙ୍ଗାର ହୋଇ ଅନ୍ତତଃ ପରମ ବିଜୟକୁ ସୁନିଶ୍ଚିତ କରିଥାଏ ।

ଏହିପରି ଜଣେ ସଫଳ ଓ ଜଣେ ଅସଫଳ ବ୍ୟକ୍ତି ମଧରେ ଗୋଟିଏ ହିଁ ଅନ୍ତର ଥାଏ । ଜଣେ ଭୁଲ ଓ ଅସଫଳତାର ଭୟ ଯୋଗୁଁ ପ୍ରଥମ ପଦକ୍ଷେପ ଉଠାଇ ପାରେ ନାହିଁ ତଥା କେବଳ ଉଚ୍ଚତାର କଳ୍ପନା କରି ରହିଯାଏ । ଦ୍ୱିତୀୟ ଜଣକ ସାହସ ପୂର୍ବକ ପ୍ରଥମ ପଦକ୍ଷେପ ଉଠାଇ ଥାଏ ଏବଂ ଦୋଷ –ତ୍ରୁଟି ଓ ଅସଫଳତାର ପରବାୟ ନ କରି ସତତ ଆଗକୁ ବଢ଼ିଥାଏ । ଏହି ପ୍ରକାର ଭୁଲ ହେବାର ଭୟରେ ପ୍ରୟାସ ହିଁ ନ କରିବା, ଜୀବନର ଭୟର ସାମନା ହିଁ ନ କରିବା ଏକ ଅପୂର୍ଣ୍ଣ ଜୀବନକୁ ନିମନ୍ତ୍ରଣ କରିବା ହୋଇଥାଏ ।

ଯେତେବେଳେ କି ବିକାଶର ସଫଳ ସମ୍ଭାବନାଗୁଡ଼ିକ ପ୍ରାଣବାନ୍ ବ୍ୟକ୍ତିକୁ ଅପେକ୍ଷା କରିଥାଏ, କିନ୍ତୁ ସାହସିକ କଦମ ବଢ଼ାଇବା ବିନା ସେଗୁଡ଼ିକ ସହିତ ସାକ୍ଷାତ୍ କିପରି ହେବ ଏବଂ କେତେକ ଲୋକ ଭୁଲ କରିବା ପରେ ବିରକ୍ତି ପ୍ରକାଶ କରିଥାନ୍ତି, ଗ୍ଲାନି ବୋଧରେ ଗ୍ରସ୍ତ ହୋଇଯାନ୍ତି, ଯାହା କୌଣସି ରୂପେ ଉଚିତ ନୁହେଁ । ଏହି ବିରକ୍ତି ଭାବ ଗ୍ରନ୍ଥିଗୁଡ଼ିକ ରୂପେ ବ୍ୟକ୍ତିର ଉର୍ଦ୍ଧ୍ୱକୁ ବରବାଦ କରିଥାଏ । ନକାରାତ୍ମକ ଗ୍ରନ୍ଥିଗୁଡ଼ିକ ମଧରେ ଜୀବନ ଉର୍ଦ୍ଧ୍ୱ ଫଂସିଯାଇ ନିକମା ହୋଇଯାଏ ଏବଂ ବ୍ୟକ୍ତି ଏକ ଅଭିଶପ୍ତ ଜୀବନ ବଞ୍ଚିବା ପାଇଁ ବାଧ ହୋଇଥାଏ । ଯଦ୍ୟପି ଭୁଲଗୁଡ଼ିକ ଜୀବନର ସହଜ ସ୍ୱାଭାବିକ ଅଂଗ ହୋଇଥାଏ ।

ଶିଶୁ ପଡ଼ି–ଉଠି ଭୁଲ କରି ହିଁ ଚାଲିବା ଶିଖିଥାଏ । ପ୍ରଥମ ଥର ସାଇକେଲ ଶିଖୁଥିବା ବ୍ୟକ୍ତି କେତେ ଥର ପଡ଼ିଥାଏ, ଆହତ ହେବା ସହିତ ଲୁଗାପଟା ଚିରିଯିବା ଆଦି ଘଟନା ଘଟିଥାଏ, କିନ୍ତୁ ସମୟ ସହିତ ଆବଶ୍ୟକ କୌଶଳ ମଧ ଅର୍ଜନ କରିଥାଏ । ନିଜ କ୍ଷେତ୍ରରେ ସିଦ୍ଧ ଓ ସଫଳତମ ବ୍ୟକ୍ତି ଆରମ୍ଭରେ ଜଣେ ସାଧାରଣ ମନୁଷ୍ୟ ଭଳି ହୋଇଥାଏ, ଯାବତୀୟ ପ୍ରୟୋଗ କରି, ଭୁଲଗୁଡ଼ିକ କରି ସେ ଜୀବନର ଶିଖର ପର୍ଯ୍ୟନ୍ତ ପହଞ୍ଚି ଥାଏ । ଇତିହାସର ପୃଷ୍ଠାଗୁଡ଼ିକରେ, ନିତିଦିନିଆ ଜୀବନରେ ଏପରି ଅନେକ ଉଦାହରଣକୁ ଦେଖାଯାଇ ପାରେ ।

ଏଣୁ ଜୀବନରେ ଭୁଲ ଓ ଅସଫଳତା ଗୁଡ଼ିକରେ ନିରାଶ ହୁଅନ୍ତୁ ନାହିଁ, ସାହସ ହରାନ୍ତୁ ନାହିଁ, ଏଗୁଡ଼ିକୁ ଜୀବନର ଆବଶ୍ୟକ ଘଟକ ମାନି ଖୋଲା ହୃଦୟରେ ସ୍ୱୀକାର କରନ୍ତୁ । ପ୍ରତ୍ୟେକ ଖସଡ଼ା, ବିଚଳନ ଏବଂ ପତନ ପରେ ଧୂଳିକୁ ଝାଡ଼ିଦେଇ ଦୁଇ ଗୁଣ ଉତ୍ସାହ ପୂର୍ବକ ପୁଣି ନିର୍ଦ୍ଧାରିତ ଲକ୍ଷ୍ୟ ଦିଗରେ ଅଗ୍ରସର ହୁଅନ୍ତୁ ।

ଛୋଟ ଛୋଟ ପଦକ୍ଷେପଗୁଡ଼ିକୁ ମଜଭୁତ ଢଙ୍ଗରେ ପକାଇଲେ ଆପଣଙ୍କ ବିଶ୍ୱାସ ଦୃଢ଼ ହେବ, ବଢୁଥିବା ପଦକ୍ଷେପ ସହିତ ପ୍ରତ୍ୟେକ ଭୁଲ ଜୀବନର ଶୃଙ୍ଗାର ପ୍ରତୀତ ହେବ ଏବଂ ଅନ୍ତତଃ ଲକ୍ଷ୍ୟ ସୁନିଶ୍ଚିତ ମିଳିବ ।

# ତ୍ୟାଗ ଓ ସମର୍ପଣର ମୂର୍ତ୍ତିମନ୍ତ ପ୍ରତୀକ ଉର୍ମିଳା



## ଡକ୍ଟର ପ୍ରମୋଦ କୁମାର ପଣ୍ଡା

**ରା**ଜର୍ଷି ଜନକଙ୍କ ଦୁଇ ପୁତ୍ରୀ । ସୀତା ଏବଂ ଉର୍ମିଳା । କୁଶଧ୍ୱଜ ତାଙ୍କରି ଛୋଟ ଭାଇ । ମାଣ୍ଡବୀ ଓ ଶ୍ରୁତକୀର୍ତ୍ତି ତାଙ୍କର ଦୁଇ କନ୍ୟା । ପ୍ରଭୁ ରାମଚନ୍ଦ୍ର ସୀତାଙ୍କୁ ବିବାହ କରିଥିଲେ । ଉର୍ମିଳାଙ୍କ ପତି ଲକ୍ଷ୍ମଣ । ମାଣ୍ଡବୀ ଓ ଶ୍ରୁତକୀର୍ତ୍ତି ଭରତ ଓ ଶତ୍ରୁଘ୍ନଙ୍କ ଧର୍ମପତ୍ନୀ । ଗୋଟିଏ ପରିବାରର ଚାରି ସୁଯୋଗ୍ୟା ରାଜକନ୍ୟାଙ୍କୁ ରଘୁକୁଳବଧୂ ରୂପେ ପାଇ ଅଯୋଧ୍ୟାଧିପତି ଦଶରଥ ଥିଲେ ଖୁବ ଆନନ୍ଦିତ, ଆଶ୍ୱସ୍ତ । ଠିକ ସେହିପରି ସମ୍ମାନନୀୟ ଏବଂ ସମତୁଲ ରାଜପରିବାରରେ କନ୍ୟାଦାନର ସୌଭାଗ୍ୟ ଅର୍ଜନ କରି ବିଦେହାଧିପତି ଥିଲେ ଅତ୍ୟନ୍ତ ହର୍ଷିତ, ନିଶ୍ଚିନ୍ତ । ବିଧିର ବିଧାନ କିନ୍ତୁ ଅନ୍ୟ ପ୍ରକାର । ମଣିଷ ଭାବେ ଯାହା, ଦଇବ ଭାଙ୍ଗେ ତାହା । ଠିକ ସେଇଆ ହିଁ ହେଲା । ମନ୍ଥରା ମନ୍ତ୍ରଣାରେ ଦ୍ୱିତୀୟା ରାଣୀ କୈକେୟୀ ନିଜ ପୁତ୍ର ଭରତ ପାଇଁ ମାଗିଲେ ଅଯୋଧ୍ୟାର ରାଜସିଂହାସନ ଓ କୌଶଲ୍ୟାନନ୍ଦନ ରାମଙ୍କ ସକାଶେ ଚଉଦ ବର୍ଷ କାନନାବାସ, ଦେଶାନ୍ତର, ବନବାସ । ପ୍ରତିଶ୍ରୁତିବଦ୍ଧ ଦଶରଥ ଥିଲେ ନାଚାର । କିଂ କର୍ତ୍ତବ୍ୟ ବିମୂଢ଼ । ଅନନ୍ୟୋପାୟ । ପିତାଜ୍ଞା ଅନୁପାଳନ କରି ମର୍ଯ୍ୟାଦା ପୁରୁଷ ହେଲେ ବନବାସୀ ବୋଲାଇଲେ ସର୍ବଶ୍ରେଷ୍ଠ ପିତୃଭକ୍ତ । ସହଧର୍ମିଣୀ ଧର୍ମରେ ଜନକ ଦୁଲଣୀ ମାତା ସୀତା ହେଲେ ସ୍ୱାମୀଙ୍କ ସହଗାମିନୀ । ଆଖ୍ୟାୟିତା ହେଲେ ପତିବ୍ରତା ଭାବେ । ଭାଇଭାଉଜଙ୍କ ସୁରକ୍ଷା ପାଇଁ ଲକ୍ଷ୍ମଣ ବନଗମନ କଲେ । ରାଜସିଂହାସନ ମୋହକୁ ଉପେକ୍ଷା କରି ନିକଟସ୍ଥ ନନ୍ଦିଗ୍ରାମରେ ଜ୍ୟେଷ୍ଠ ଭ୍ରାତାଙ୍କ ପାଦୁକା ପୁଜି ତାଙ୍କୁ ଅପେକ୍ଷା କଲେ ଭରତ । ଦିଭାଇ ବୋଲାଇଲେ ଭ୍ରାତୃଭକ୍ତ । ଅଞ୍ଜନୀ ପୁତ୍ର ପବନ ସୁତ ବୀର ବଜରଙ୍ଗବଳୀ ହନୁମାନ ସାଜିଲେ ରାମ ଦୂତ, ରାମ ଭକ୍ତ । କିଷ୍କିନ୍ଧ୍ୟା ନରେଶ ସୁଗ୍ରୀବ ଓ ବିଭୀଷଣ ରାମଚନ୍ଦ୍ରଙ୍କ ବନ୍ଧୁତ୍ୱ ରଜ୍ଜୁରେ ସଦାକାଳ ପାଇଁ ବାନ୍ଧି ହୋଇଗଲେ । ରାକ୍ଷସରାଜ ରାବଣ ଦୁରାଚାରୀ, କିନ୍ତୁ ଶ୍ରୀରାମଚନ୍ଦ୍ରଙ୍କ ବିଚାରରେ ଥିଲା ମହାପଣ୍ଡିତ, ବିଦ୍ୱାନ, ପରାକ୍ରମୀ ଯୋଦ୍ଧା, ବିଜ୍ଞ ଏବଂ ଭବିଷ୍ୟତଜ୍ଞାତା । ତାଠାରୁ ମୂଲ୍ୟବାନ ଜୀବନାଦର୍ଶ ଶିକ୍ଷା କରିଥିଲେ ସୁମିତ୍ରାନନ୍ଦନ । ଅମର୍ତ୍ତ୍ୟ ଜାମ୍ବବାନ ସମଗ୍ର ରାମସେନାର ଥିଲେ ଉଦ୍ଦୀପକ, ପଥପ୍ରଦର୍ଶକ । ଠିକ ଭାବେ ଦେଖିବାକୁ ଗଲେ ରାମାୟଣ ମହାକାବ୍ୟର ସମସ୍ତ ଚରିତ୍ର ସ୍ୱକୀୟ କର୍ମ ସମ୍ପାଦନ କରି ଉଚ୍ଚ ପ୍ରଶଂସାର ପାତ୍ର ହୋଇଛନ୍ତି । ଗ୍ରନ୍ଥରେ ତାଙ୍କର ବର୍ଣ୍ଣନ ମଧ ଦେଖିବାକୁ ମିଳେ । ଅପିତୁ ଲକ୍ଷ୍ମଣ ଘରଣୀ ଉର୍ମିଳାଙ୍କ ତ୍ୟାଗ ଓ ସମର୍ପଣ ଆଗରେ ଅନ୍ୟାନ୍ୟ ପାତ୍ରମାନଙ୍କ ଭୂମିକା ଫିକା ମନେହୁଏ । ଅଚର୍ଚ୍ଚିତା ଚେହେରା ହେଲେବି ସେ ଅସାମାନ୍ୟା । ପ୍ରଛଦପଟର ପ୍ରବୀଣା ନାୟିକା ।

ଭାଇଙ୍କ ସଙ୍ଗେ ବନବାସ ଯିବାପାଇଁ ମାତା ସୁମିତ୍ରାଙ୍କ ଆଜ୍ଞା ପ୍ରାପ୍ତ ଉପରାନ୍ତେ ସଂଶୟ, ସଂକୁଚିତ ଓ ଶଙ୍କିତ ମନରେ ସୌମିତ୍ର ଧିରେ ଅଗ୍ରସର ହେଲେ ବଦନ୍ୟା ଭବନାଭିମୁଖେ । ଜନ୍ମଜନ୍ମାନ୍ତର ସମ୍ପର୍କ । ନାଗ ଲକ୍ଷ୍ମୀ ଓ ଶେଷ ନାଗଙ୍କ ମଧରେ । କିନ୍ତୁ ପ୍ରଭୁଙ୍କ ପାଇଁ ପତ୍ନୀ ବିୟୋଗ ଏକ ସାମାନ୍ୟ କଥା । ସହିବାକୁ ହେବ । ଇମିତି ଚିନ୍ତା କରୁକରୁ ତାଙ୍କ ପଦ ପଡିସାରିଥିଲା ଯୁବରାଣୀଙ୍କ ଅନ୍ତଃପୁରରେ । ବିସ୍ମୟ ତାଙ୍କୁ ଅପେକ୍ଷା କରିଥିଲା ସେଠି । ପତିଙ୍କ ସହିତ ବନଗମନ ପାଇଁ ସଜ୍ଜ ଥିଲେ ଉର୍ମିଳା । ପରନ୍ତୁ ତା ସହିତ ବନ୍ଦାପନା ଥାଳି ମଧ ପ୍ରସ୍ତୁତ ଥିଲା । ଲକ୍ଷ୍ମଣ ଉର୍ମିଳାଙ୍କୁ ପରାମର୍ଶ ଦେଲେ ତାଙ୍କ ସହ ବଣକୁ ଯିବା ପରିବର୍ତ୍ତେ ଅଯୋଧାରେ ରହି ବୃଦ୍ଧ ପିତାମାତାଙ୍କ ଯତ୍ନ ନେବାକୁ । ଖସିଲା ବୟସରେ ତାଙ୍କରି ସେବା କରିବାକୁ । ବିନା ବିରୋଧରେ ପତିଙ୍କ ପରାମର୍ଶ ସାଗ୍ରହେ ଗ୍ରହଣ କରି ପତିବ୍ରତ ଧର୍ମର ପାଳନ କରିଥିଲେ ଉର୍ମିଳା । ବନ୍ଦାପନା ପୂର୍ବକ ସାନନ୍ଦେ ବନଗମନ ସକାଶେ ସହମତି ପ୍ରଦାନ କରିଥିଲେ । ସେ ଅବଗତ ଥିଲେ ତାଙ୍କର ବନଗମନ ଲକ୍ଷ୍ମଣଙ୍କ କର୍ତ୍ତବ୍ୟରେ ବିଘ୍ନ ସୃଷ୍ଟି କରିବ । ସେଥିପାଇଁ ବୋଧେ ଦୀପଥାଳି ପୂର୍ବରୁ ସଜେଇ ରଖିଥିଲେ । ସ୍ୱାମୀଙ୍କ ଶୁଭ ବିଦାୟ ପାଇଁ, ଶୁଭକାମନା ସକାଶେ । ଲକ୍ଷ୍ମଣ ଉର୍ମିଳାଙ୍କ ଠାରୁ କଥା ମାଗିଥିଲେ ଯେ ତାଙ୍କ ଫେରିବା ପର୍ଯ୍ୟନ୍ତ ଯେତେ ଦୁଃଖ କିମ୍ବା ପ୍ରତିକୂଳ ପରିସ୍ଥିତି ହେଲେ ମଧ ଆଖିରୁ ଲୁହ ଗଡେଇବେନି ଯାହା ସେ ସହର୍ଷ ସ୍ୱୀକାର କରିଥିଲେ । କଥା ଦେଇଥିଲେ । ପୁତ୍ର ବିୟୋଗରେ ମହାରାଜ ଦଶରଥ ପ୍ରାଣ ତ୍ୟାଗିଥିଲେ । ପରନ୍ତୁ ବଚନରେ ବନ୍ଧା ଉର୍ମିଳା କାନ୍ଦିନଥିଲେ । ଭାଇ ଭାଉଜଙ୍କ ଅହର୍ନିଶୀ ସୁରକ୍ଷା ପାଇଁ ନିଦ ଯିମିତି ତାଙ୍କୁ ପ୍ରଭାବିତ କରିବନି ସେଥିପାଇଁ ନିଦ୍ରାଦେବୀଙ୍କୁ ପ୍ରାର୍ଥନା କରିଥିଲେ ଲକ୍ଷ୍ମଣ । ତାଙ୍କ ଯାଚନରେ ସର୍ତ୍ତମୂଳକ ସହମତି ପ୍ରଦାନ କରିଥିଲେ ନିଦ୍ରାଦେବୀ । ପ୍ରଥମତଃ ତାଙ୍କ ଭାଗର ନିଦ୍ରା ଅନ୍ୟ କାହାକୁ ନେବାକୁ ହେବ ଏବଂ ଦ୍ୱିତୀୟତଃ ଚଉଦ ବର୍ଷର ବନବାସ ପରେ ଲକ୍ଷ୍ମଣ ନିଦ୍ରାଯିବେ ଓ ତାଙ୍କ ନିଦ୍ରା ନେଇଥିବା ବ୍ୟକ୍ତିର ନିଦ୍ରାଭଙ୍ଗ ହେବ । ଏହି ସର୍ତ୍ତ ଉର୍ମିଳା ହସିହସି ମାନି ନେଇଥିଲେ । ତେଣୁ ସେ ରାମ, ଲକ୍ଷ୍ମଣ ଓ ସୀତାଙ୍କ ବନବାସ ସମୟ ନିଦ୍ରାବସ୍ଥାରେ ଅତିବାହିତ କରିଥିଲେ ବୋଲି କୁହାଯାଏ । ତେବେ ଉର୍ମିଳା ଯଦି ଚଉଦ ବର୍ଷ କାଳ କେବଳ ଶୋଇଥିଲେ ତାଙ୍କ ପରିବାର ପରିଜନଙ୍କ ଦେଖାଶୁଣା କଲେ କିମିତି ? ଏକ ପୌରାଣିକ ମତ ଅନୁସାରେ ମାତା ସୀତା ଉର୍ମିଳାଙ୍କୁ ଏକାସାଥୀରେ ତିନିଗୋଟି କାମ କରିପାରିବାର ବର ପ୍ରଦାନ କରିଥିଲେ । ବିଜ୍ଞାନ କୁହେ ଦୈନିକ ଜଣେ ସୁସ୍ଥ ବ୍ୟକ୍ତି ଛଅରୁ ଆଠ ଘଣ୍ଟା ଶୋଇଲେ ଯଥେଷ୍ଟ । ଏହି ନିୟମରେ ଉର୍ମିଳା ଦିନକୁ ବାର ଘଣ୍ଟାରୁ ଷୋହଳ ଘଣ୍ଟା ଶୋଉଥିଲେ ଓ ଅବଶିଷ୍ଟ ସମୟ ଅନ୍ୟ କାମରେ ଉପଯୋଗ କରୁଥିଲେ । ଜଣେ ନବ ବିବାହିତା ସ୍ତ୍ରୀ ପକ୍ଷେ ବିରହ ବେଦନା ଅତି କଷ୍ଟକର । ପତିଙ୍କ ବିନା ଏକା ରହିବା ଦୁଃଖଦାୟକ । ଉର୍ମିଳାଙ୍କ କଷ୍ଟ ଉପଶମ ସକାଶେ ରାଜର୍ଷି ଜନକ ତାଙ୍କୁ ମିଥିଳା ନେବାପାଇଁ ଅଯୋଧା ପହଞ୍ଚିଲେ । ମାତା ସୁନୟନା ଓ ରାଜସଖୀଙ୍କ ଗହଣରେ ରହିଲେ ହୁଏତ ତାଙ୍କ ଏକାକୀତ୍ୱ ଲାଘବ ହେବ । କିନ୍ତୁ ଉର୍ମିଳା ତାଙ୍କ ପିତାଙ୍କ ପ୍ରସ୍ତାବ ସାଦରେ ଆଗ୍ରହ୍ୟ କରି କହିଥିଲେ ଏପରି ଦୁଃଖଦାୟକ ସମୟରେ ତାଙ୍କର ଅଯୋଧା ଛାଡି ବିଦେହ ଗମନ ଅଶୋଭନୀୟ । ନିୟମବିରୁଦ୍ଧ । ଏହା ତାଙ୍କ ସମର୍ପଣ ଓ ତ୍ୟାଗର ନିଦର୍ଶନ । ରାମ ରାବଣ ଯୁଦ୍ଧରେ ମେଘନାଦ ନିହତ ହେଲା । ତାର ମର ଶରୀର ନେବାକୁ ମେଘନାଦର ପତ୍ନୀ ସୁଲୋଚନା ରଣଭୂମିକୁ ଆସି ଲକ୍ଷ୍ମଣଙ୍କୁ କହିଲେ ଆପଣ ମେଘନାଦକୁ ପରାସ୍ତ କରିଛନ୍ତି ବୋଲି ଭୁଲରେ ସୁଦ୍ଧା ଗର୍ବ କରିବେନାହିଁ । ମେଘନାଦ ଅପରାଜୟ । ଦୁଇଜଣ ପତିବ୍ରତା ନାରୀଙ୍କ ପରାକ୍ରମ ତାଙ୍କୁ ପରାଜିତ କଲା । ସେ ନିହତ ହେଲେ । ସେମାନେ ହେଲେ ଆପଣଙ୍କ ପତ୍ନୀ ଉର୍ମିଳା ଓ ମୁଁ ସ୍ୱୟଂ । ନିଜେ ଯେଉଁ ବ୍ୟକ୍ତି ଚଉଦ ବର୍ଷ ଶୋଇନଥିବ ଓ କୌଣସି ସ୍ତ୍ରୀର ମୁଖ ଦର୍ଶନ କରିନଥିବ ସେ ହିଁ ମେଘନାଦକୁ ମାରିପାରିବ ବୋଲି ତାଙ୍କୁ ବରଦାନ ଥିଲା । ଉର୍ମିଳା ଯୋଗୁଁ ଆପଣ ଚଉଦ ବର୍ଷ ଅନିଦ୍ରା ରହିପାରିଲେ । ବୀର ଯୋଦ୍ଧା ଇନ୍ଦ୍ରଜିତକୁ ଯୁଦ୍ଧରେ ହାରେଇ ପାରିଲେ । ମୁଁ ମଧ ତାଙ୍କ ସପକ୍ଷରେ ନଥିଲି । କାରଣ ମୁଁ ଭଲ ଭାବେ ଜାଣିଥିଲି ଯେ ମେଘନାଦ ଅଧର୍ମ ନୁହେଁ, ଧର୍ମ ବିରୁଦ୍ଧରେ ଯୁଦ୍ଧ ଲଢୁଛନ୍ତି । ଏହା ଶୁଣି ଉର୍ମିଳା ଓ ସୁଲୋଚନାଙ୍କ ପ୍ରତି ଲକ୍ଷ୍ମଣଙ୍କ ସମ୍ମାନ ବଢିଯାଇଥିଲା । ଲଙ୍କା ବିଜୟ ପରେ ରାମଚନ୍ଦ୍ର ପତ୍ନୀ ସୀତା ଓ ଅନୁଜ ଲକ୍ଷ୍ମଣଙ୍କ ସହିତ ଅଯୋଧା ପ୍ରତ୍ୟାବର୍ତ୍ତନ କଲେ । ତାଙ୍କ ରାଜତିଳକର ଆୟୋଜନ ହେଲା । ନିଦ୍ରାଦେବୀଙ୍କୁ ଦେଇଥିବା ବଚନ ମୁତାବକ ଲକ୍ଷ୍ମଣ ନିଦ୍ରା ଗଲେ । ଉର୍ମିଳା ଚେଇଁଲେ । ଜ୍ୟେଷ୍ଠ ଭ୍ରାତାଙ୍କ ସିଂହାସନାରୋହଣ ଅବଲୋକନ ଲକ୍ଷ୍ମଣଙ୍କ ସ୍ୱପ୍ନ ଥିଲା । ଯେଉଁଥିରୁ ସେ ବଞ୍ଚିତ ହେଲେ । ନିଜ ନେତ୍ରରେ ଦେଖିବା ସୁଯୋଗ ଜୁଟିଲାନାହିଁ । ପରନ୍ତୁ ନିଜ ଅର୍ଦ୍ଧାଙ୍ଗିନୀଙ୍କ ଚକ୍ଷୁରେ ଦର୍ଶନ କଲେ । ରାମ, ଭରତ, ଲକ୍ଷ୍ମଣ ଓ ଶତ୍ରୁଘ୍ନଙ୍କ ଜନ୍ମ ପରେ ଅଳ୍ପ ସମୟ ରୋଦନ କରି ତିନି ଭାଇ ଚୁପ ହୋଇଥିଲେ । ହେଲେ, ଲକ୍ଷ୍ମଣଙ୍କ କାନ୍ଦ ବନ୍ଦ ହୋଇନଥିଲା । ତାଙ୍କୁ ବଡ଼ ଭାଇ ରାମଙ୍କ ନିକଟରେ ଶୁଆଇବା ପରେ ତାଙ୍କ କାନ୍ଦ ବନ୍ଦ ହୋଇଥିଲା । ଏଥିରୁ ସ୍ପଷ୍ଟ ଅନୁମେୟ ଜ୍ୟେଷ୍ଠ ଭ୍ରାତାଙ୍କ ପ୍ରତି ଲକ୍ଷ୍ମଣଙ୍କ ଭାବ କେତେ ? କେତେ ସମୀପତା ? କେତେ ଆକର୍ଷଣ ? ଏପରି ଭାବରେ ବନ୍ଧା ଭକ୍ତ ତାର ପ୍ରଭୁଙ୍କୁ ଛାଡି ଏକା ରହିଆନ୍ତା ଅବା କିପରି ? ଏହା କେବଳ ଯେ ଲକ୍ଷ୍ମଣଙ୍କୁ ଜଣା ଥିଲା ତା ନୁହଁ । ତାଙ୍କ ପତ୍ନୀ ଉର୍ମିଳା ମଧ ଏ ସମ୍ପର୍କରେ ଅବଗତ ଥିଲେ । କାରଣ, ରାମ ସ୍ୱୟଂ ବିଷ୍ଣୁ ଓ ମାତା ସୀତା ଲକ୍ଷ୍ମୀଙ୍କ ଅବତାର ଥିଲେ । ଲକ୍ଷ୍ମଣ ଶେଷନାଗ ଓ ଉର୍ମିଳା ନାଗଲକ୍ଷ୍ମୀ । ଯୁଦ୍ଧ ବେଳେ ଏକଦା ଲକ୍ଷ୍ମଣ ମେଘନାଦର ଶକ୍ତିଶାଳୀ ବାଣାଘାତରେ ମୂର୍ଚ୍ଛିତ ଗଲେ । ତାଙ୍କ ପ୍ରାଣରକ୍ଷା ପାଇଁ ଦ୍ରୋଣଗିରି ପର୍ବତରୁ ସଞ୍ଜିବନୀ ବୁଟି ଆଣିବା ଦାୟିତ୍ୱ ରାମଭକ୍ତ ହନୁମାନଙ୍କୁ ଅର୍ପଣ କରାଗଲା । ସଞ୍ଜିବନୀ ବୁଟି ଚିହ୍ନିନପାରି ହନୁମାନ ସଂପୂର୍ଣ୍ଣ ପର୍ବତ ସହିତ ଲଙ୍କା ପ୍ରତ୍ୟାବର୍ତ୍ତନ ବେଳେ ଅଯୋଧାର ସୀମା ପାର କରିବାକୁ ହେଲା । ଭରତ ହନୁମାନଙ୍କୁ ମାୟାବୀ ଶତ୍ରୁ ଭାବି ଶର ନିକ୍ଷେପ କରିବାରୁ ସେ ଭୂପତିତ ହେଲେ । ହେଲେ, ତାଙ୍କ ପାଟିରୁ ଜୟ ଶ୍ରୀରାମ ଶୁଣି ତାଙ୍କର ପରିଚୟ ମାଗନ୍ତେ ସେ ସବୁ କଥା ଆମୂଳଚୂଳ ବର୍ଣ୍ଣନା କଲେ । ରାମଚନ୍ଦ୍ରଙ୍କ କୋଳରେ ଭ୍ରାତା ଲକ୍ଷ୍ମଣ ମୂର୍ଚ୍ଛିତାବସ୍ଥାରେ ଅଛନ୍ତି ଓ ସୂର୍ଯ୍ୟୋଦୟ ପୂର୍ବରୁ ତାଙ୍କ ଉପଚାର ନହେଲେ କିଛିବି ଅଘଟଣ ଘଟିପାରେ କହିଲେ । ଏହା ଶୁଣି ଉର୍ମିଳା ସ୍ମିତ ହସି କହିଲେ ତାହେଲେ ଆପଣ ଏଠି ଦୁଇ ତିନି ଦିନ ବିଶ୍ରାମ ନିଅନ୍ତୁ । ଯେପର୍ଯ୍ୟନ୍ତ ଆପଣ ଲଙ୍କାରେ ନ ପହଞ୍ଚିଛନ୍ତି ସେପର୍ଯ୍ୟନ୍ତ ମୁଁ ସୂର୍ଯ୍ୟୋଦୟ ହେବାକୁ ଦେବିନାହିଁ । ଏମିତି ଥିଲା ଜାନକୀ ଭଗ୍ନୀ ଉର୍ମିଳାଙ୍କ ତପୋବଳ । ସାଧନା, ସିଦ୍ଧି, ସବୁକିଛି । ରାମଙ୍କ ଉପରେ ବିଶ୍ୱାସ । ପତିବ୍ରତ ଧର୍ମ ।

ରାମାୟଣରେ କିନ୍ତୁ ଗୌଣ ଚରିତ୍ର ଭାବେ ବର୍ଣ୍ଣିତ ସିଏ । ତାଙ୍କ କଥାବସ୍ତୁ ଖୁବ ସୀମିତ । ତଥାପି ମହାକାବ୍ୟ ରାମାୟଣର ଭାବ ଗଭୀର ବ୍ୟାଖ୍ୟା କଲେ ଜନକନନ୍ଦିନୀ ଉର୍ମିଳାଙ୍କ ଚରିତ୍ର ସ୍ପଷ୍ଟ ବୁଝାପଡେ । ତ୍ୟାଗ ଓ ସମର୍ପଣର ମୂର୍ତ୍ତିମନ୍ତ ପ୍ରତୀକ ସେ । ମାତା ସୀତା ସଦୃଶା । ବନବାସିନୀ । ବଣରେ ନୁହଁ, ଉଆସ ଭିତରେ । ଯେଉଁଠି ଜଙ୍ଗଲ ଅପେକ୍ଷା ଅଧିକ ଦୁଃଖ, ଅଧିକ ଯନ୍ତ୍ରଣା ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,**
**ସମ୍ବଲପୁର**

## ଆଜିର ଚିନ୍ତନ

ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ । ଅହଂ ତ୍ୱାମ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ । ଶ୍ରୀମଦ୍‌ଭଗବଦ୍ ଗୀତା ଶେଷ ଅଧ୍ୟାୟର ଏହି ଶ୍ଳୋକର ଅର୍ଥ ହେଉଛି ଆମେ ଯଦି ସମସ୍ତ ପ୍ରକାରର କର୍ମ ତ୍ୟାଗ କରି କେବଳ ପରମାତ୍ମା ପରମେଶ୍ୱର ଭଗବାନ ଶ୍ରୀକୃଷ୍ଣଙ୍କ ଶରଣାପନ୍ନ ହେବା, ତେବେ ସେ ଆମକୁ ନିଶ୍ଚିତ ଭାବେ ସମସ୍ତ ପ୍ରକାରର ପାପ ଓ ଋଣରୁ ମୁକ୍ତ କରିଦେବେ । ଆମେ ସଂପୂର୍ଣ୍ଣ ରୂପେ ଭୟମୁକ୍ତ ହୋଇଯିବା । ଯୁଗେ ଯୁଗେ ନିଜକୁ କେବଳ ଏକ ଶରୀର ଧାରୀ ମନୁଷ୍ୟ ବୋଲି ଜ୍ଞାନ କରୁଥିବା ଓ ବର୍ଣ୍ଣାଶ୍ରମରେ ରହି ସାଂସାରିକ ଧର୍ମ ନିର୍ବାହ କରୁଥିବା ବ୍ୟକ୍ତି ଜୀବନରେ ପାଞ୍ଚ ପ୍ରକାରର ଋଣ ଯଥା- ଦେବଋଣ, ଋଷିଋଣ, ପିତୃଋଣ, ନୃଋଣ ଓ ଭୂତଋଣକୁ ସୁଝିନପାରିଲେ ପାପ ହେବ ବୋଲି ଭାବି ଭୌତିକ ଧର୍ମକୁ ତ୍ୟାଗ କରିପାରି ନ ଥାଏ । କିନ୍ତୁ ଯିଏ ନିଜକୁ କେବଳ ଏକ ଆତ୍ମା ଓ କେବଳ ଈଶ୍ୱରଙ୍କୁ ନିଜର ପିତାମାତା, ପ୍ରିୟତମ ଓ ଶେଷ ଆଶ୍ରୟସ୍ଥଳ ବୋଲି ନିଶ୍ଚିତ ଜ୍ଞାନ କରିଥାଏ, ସେହି ବ୍ୟକ୍ତିର ଆଉ କୌଣସି ବର୍ଣ୍ଣାଶ୍ରମ ଧର୍ମ ପାଳନର ଆବଶ୍ୟକତା ନଥାଏ । ଅର୍ଥାତ୍ ଭଗବାନ ତାଙ୍କ ଶରଣାଗତ ଭକ୍ତଙ୍କୁ ସମସ୍ତ ପ୍ରକାରର ଭୌତିକ ଋଣ ଓ କର୍ତ୍ତବ୍ୟରୁ ମୁକ୍ତ କରି ମୋକ୍ଷ ପ୍ରଦାନ କରିଥାନ୍ତି । ଏହିପରି ଭାବେ ସତ୍ୟରେ ଧ୍ରୁବ ଓ ପ୍ରହ୍ଲାଦ, ତ୍ରେତୟାରେ ଶେଷ ନାଗ ଲକ୍ଷ୍ମଣ ଓ ବିଭୀଷଣ, ଦ୍ୱାପରରେ ସବୁ ଗୋପନାରୀ ଓ ଅର୍ଜୁନ ଓ ଏହି ଘୋର କଳିଯୁଗରେ ବାମାକ୍ଷେପା, ରାମକୃଷ୍ଣ ପରମହଂସ, ନିଗମାନନ୍ଦ ପରମହଂସ, ନଣ୍ଡାବାବା, ମୀରା, ଶ୍ରୀଜଗନ୍ନାଥ ଦାସ ଓ ତାଙ୍କ ପଞ୍ଚସଖା ପ୍ରମୁଖ ମହାପୁରୁଷଗଣ ଈଶ୍ୱରଙ୍କ ନିକଟରେ ନିଜ ନିଜକୁ ସଂପୂର୍ଣ୍ଣ ସମର୍ପଣ କରି ମୋକ୍ଷପ୍ରାପ୍ତ ହୋଇଯାଇଛନ୍ତି । ଯେପରି ଆମେ ବୃକ୍ଷ ମୂଳରେ ଜଳ ଢାଳିଲେ ବୃକ୍ଷର ସମସ୍ତ ଅଂଶ ଜଳପ୍ରାପ୍ତ ହୋଇଥାଏ, ଠିକ୍ ସେମିତି ଆମେ କେବଳ ଶୁଦ୍ଧ ଭକ୍ତି, ପ୍ରେମ ଓ ଆତ୍ମସମର୍ପଣ ସହିତ ଏକମାତ୍ର ପରମେଶ୍ୱର ଶ୍ରୀକୃଷ୍ଣଙ୍କ ଶରଣାଗତ ହେଲେ ଇହ ଜନ୍ମରେ ବୈକୁଣ୍ଠଧାମ ଲାଭ କରିପାରିବା । ସମସ୍ତଙ୍କର ସଦଗୁରୁ ହୋଇ ଜଗତକଲ୍ୟାଣ କରିବା ସହିତ ସମସ୍ତଙ୍କୁ ଶେଷ ମାର୍ଗଦର୍ଶନ ମଧ କରାଇପାରିବା ।

# ଶରୀର ପାଇଁ ଲାଭକାରୀ ଗୁଡ଼



**ଆ**ୟୁର୍ବେଦିକ ଶାସ୍ତ୍ର ଅନୁସାରେ ଗୁଡ଼ ଏକ ଉଷ୍ମ ଜାତୀୟ ଖାଦ୍ୟ ପଦାର୍ଥ । ଏହା ଇମ୍ୟୁନିଟି ବଢ଼ାଇବା ସହିତ ଶରୀରର ଉଷ୍ମତା ବୃଦ୍ଧି କରିଥାଏ । ଏଥିରେ ପ୍ରଚୁର ପରିମାଣରେ ଆଣ୍ଟିଅକ୍ସିଡାଣ୍ଟ ମିନେରାଲ, ଜିଙ୍କ ପୋଟାସିୟମ, ଆଇରନ, ଫସଫରସ ଆଦି ଉପାଦାନ ରହିଛି ଯାହା ଖାଦ୍ୟକୁ ଆହୁରି ପୁଷ୍ଟିକର କରିଥାଏ ।

ଅନେକ ସମୟରେ ଶରୀରରେ ରକ୍ତ ସଂଚାଳନ ଧୀମା ପଡ଼ିଯାଏ । କିନ୍ତୁ ଗୁଡ଼ ଖାଇବା ଦ୍ୱାରା ରକ୍ତ ସଂଚାଳନ ସୁଚାରୁ ରୂପେ ହୁଏ । ଏହା ମଧ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ଥାଏ ।

ଗୁଡ଼ ଶରୀରକୁ ଆବଶ୍ୟକୀୟ ପୋଷକ ତତ୍ତ୍ୱ ଦେବା ସହିତ ଥଣ୍ଡା, କାଶ, ସର୍ଦ୍ଦି ପରି ଶୀତଦିନିଆ ରୋଗରୁ ଉପଶମ ମିଳେ । ସଂକ୍ରମଣରୁ ମଧ ରକ୍ଷା କରିଥାଏ । ଶୀତଦିନେ ସନ୍ତୁଳିତ ଆହାରରେ ଗୁଡ଼କୁ ସାମିଲ କରନ୍ତୁ ।

ପ୍ରତ୍ୟେକ ସମୟରେ ଅନେକଙ୍କ ଠାରେ ଗଣ୍ଠି ଯନ୍ତ୍ରଣା ବା ଗଣ୍ଠିବାତ ଦେଖାଯାଏ । କିନ୍ତୁ ଗୁଡ଼ ଏହି ସମସ୍ୟାରୁ ଉପଶମ ଦେବା ପାଇଁ ବିଶେଷ ଫଳପ୍ରଦ ହୋଇଥାଏ । ନିୟମିତ ଗୁଡ ଖାଇବା ଦ୍ୱାରା ହାଡ଼ ଶକ୍ତ ହୋଇଥାଏ ଏବଂ ଗଣ୍ଠିରେ ହୋଇଥିବା ଅକଥନୀୟ ଯନ୍ତ୍ରଣାକୁ ଦୂର କରିଥାଏ । ବୟସ୍କ ବ୍ୟକ୍ତିମାନେ କ୍ଷୀର କିମ୍ବା ଜୁସ୍‌ରେ ଗୁଡ଼ ଖାଇବା ଆବଶ୍ୟକ ।

ଗୁଡ଼ ଶରୀରର ତାପମାତ୍ରାକୁ ବଢ଼ାଇଥାଏ । ଯାହା ଫଳରେ ଶ୍ୱାସରୋଗୀଙ୍କ ଶ୍ୱାସକ୍ରିୟା ସମସ୍ୟା ଲାଘବ ହୋଇଥାଏ । ପ୍ରତ୍ୟେକ ଦିନ ଗୁଡ ସହ ରାଶି ଖାଇବା ଦ୍ୱାରା ଶ୍ୱାସନଳୀ ସଫା ରହେ । ଖାଲି ସେତିକି ନୁହେଁ ଏହା ଯକୃତ ଏବଂ ଫୁସଫୁସକୁ ବି କାର୍ଯ୍ୟକ୍ଷମ କରିଥାଏ । ଗୁଡ଼ରେ ମାତ୍ରାଧିକ ପୋଟାସିୟମ ରହିଥାଏ ଯାହା ଇଲେକ୍ଟ୍ରୋଲାଇଟକୁ ସନ୍ତୁଳନ କରିଥାଏ । ଏହାଦ୍ୱାରା ଶରୀରର ଓଜନ ହ୍ରାସ ପାଇବା ସହ ନିୟନ୍ତ୍ରଣାଧିନ ରୁହେ ।

ବର୍ଷ ୨୯, ସଂଖ୍ୟା - ୨୭, ୬ - ୧୨ ଜୁଲାଇ ୨୦୨୫

# ବର୍ଷେ ପୁରିଲା, ନିଶା ନିବାରଣ ହେଲା ନାହିଁ

ନବୀନ ପଟ୍ଟନାୟକଙ୍କ ୨୫ ବର୍ଷର ଶାସନ କାଳ ମଧରେ ମଦର ବନ୍ୟା ଯୋଗୁଁ ଓଡ଼ିଶା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି । ଯାହା ଓଡ଼ିଶାର ସୃଜନଶୀଳତାକୁ ନଷ୍ଟ କରି ତା'କୁ ହତଶ୍ରୀ କରିଦେଇଛି । ମଦର ପ୍ରବଳତା ଏମିତି ଅଧିକ ହୋଇଛି ଯେ ପିଲାର ଜନ୍ମ ହେଉ କି ତା'ର ବାହାଘର ହେଉ; ସବୁ ଶୁଭ ଅବସରରେ ମଦ ଏକ ଅପରିହାର୍ଯ୍ୟ ବସ୍ତୁ ହୋଇଯାଇଛି । ପୂଜା ପାର୍ବଣ, ଭୋଜିଭାତ, ସାଧାରଣ ବୈଠକ ସବୁଠି ମଦ ଦରକାର । କେବଳ ସେତିକି ନୁହେଁ, ମଡ଼ା ଉଠାଇବା ପାଇଁ ମଡ଼ା ସାଙ୍ଗିଆମାନେ ମଦ ନ ହେଲେ ଉଠୁ ନାହାନ୍ତି । ମଦ୍ୟାସକ୍ତି ଯୋଗୁଁ ୩୦-୩୫ ବର୍ଷର ଯୁବକମାନେ ରୋଗ ପ୍ରତିରୋଧକ ଶକ୍ତି ହରାଇ ନାନା ପ୍ରକାର ରୋଗରେ ଆକ୍ରାନ୍ତ ହୋଇ ଅଧା ବୟସରେ ମୃତ୍ୟୁ ବରଣ କରୁଛନ୍ତି । ଏହା ଫଳରେ ରାଜ୍ୟରେ ପ୍ରତି ବର୍ଷ ଲକ୍ଷ ଲକ୍ଷ ଝିଅ ଅକାଳରେ ବିଧବା ହେଉଛନ୍ତି । ମଦର ସର୍ବବ୍ୟାପୀ ଦୌରାତ୍ମ୍ୟ ଆମେ ସମସ୍ତେ ଦେଖୁଥାଉଁ ଏପରି କେହି ଜଣେ ନାହିଁ, ଯାହାର ପରିବାରରୁ ବା ବନ୍ଧୁବାନ୍ଧବରୁ ଅବା ପ୍ରିୟଜନଙ୍କ ପରିବାରରୁ ଜଣେ ମଦ କାରଣରୁ ରୋଗରେ ଆକ୍ରାନ୍ତ ହୋଇ ନାହାନ୍ତି ।

ସେହି ଲଗାତର ପଚିଶ ବର୍ଷର ଶାସନକୁ ଲୋକେ ଆଉ ସହ୍ୟ କରିବାକୁ ପ୍ରସ୍ତୁତ ନ ଥିଲେ । ଏଣୁ ଲୋକେ ଚାହିଁଥିଲେ ପରିବର୍ତ୍ତନ । ଅବଶ୍ୟ ପାଣ୍ଡିଆନଙ୍କ ଅତିଶୟ କର୍ତ୍ତୃତ୍ୱ ଏହାକୁ ସହଜ କରି ଦେଇଥିଲା । ଏହାର ସୁଯୋଗ ନେବା ପାଇଁ ଏକ ମାତ୍ର ବିକଳ୍ପ ଥିଲା ଭାରତୀୟ ଜନତା ପାର୍ଟି । କିନ୍ତୁ ସେହି ଦଳର କେନ୍ଦ୍ରୀୟ ନେତୃତ୍ୱ ବି ନବୀନଙ୍କ ଦଳ ବିଜେଡି ସହିତ ଭାଗୀଦାରି ଫର୍ମୁଲାରେ ବାଟବଣା ହେବାକୁ ବସିଥିଲେ । ତେବେ, ଓଡ଼ିଶାର ସୌଭାଗ୍ୟ ଯେ ରାଜ୍ୟର ବି.ଜେ.ପି. ନେତୃବୃନ୍ଦ ଏହାକୁ ଦୃଢ଼ ପ୍ରତିରୋଧ କରିବା ଫଳରେ ତାହା ସଫଳ ହେଲା ନାହିଁ । ଏହା ପରେ ସେମାନେ ଖାଲି କ୍ଷମତା ଦଖଲ ନୁହେଁ, ରାଜ୍ୟକୁ ଏକ ନବକଳେବର ଦେବା ପାଇଁ ଲାଗିପଡ଼ିଲେ ଓ ନବୀନ ପଟ୍ଟନାୟକଙ୍କ ଶେଷ ବେଳର କୁଶାସନ ବଦଳରେ ଏକ ଲୋକାଭିମୁଖୀ ଶାସନ ସ୍ୱରୂପ ପାଇଁ ପ୍ରସ୍ତୁତ କଲେ ଏକ ଆକର୍ଷଣୀୟ ଦଲିଲ, ଯାହା ହେଉଛି '୨୦୩୬ର ବିକଶିତ ଓଡ଼ିଶା' । ଏହି ସଂକଳ୍ପ ପତ୍ର ପ୍ରସ୍ତୁତ କରିବାକୁ ରାଜ୍ୟବାସୀଙ୍କ ଅଭିମତ ସଂଗ୍ରହ ଲାଗି ସାରା ରାଜ୍ୟରେ ୨୩ଟି ଗାଡ଼ି ବୁଲିଥିଲେ ଓ ବିଭିନ୍ନ ବର୍ଗର ନେତୃସ୍ଥାନୀୟ ବ୍ୟକ୍ତିଙ୍କର ମତ ସଂଗ୍ରହ କରାଯାଇଥିଲା । ସେହିସବୁ ତଥ୍ୟ ଓ ମତକୁ ଆଧାର କରି ଚମତ୍କାର ରଙ୍ଗିନ ସଂକଳ୍ପ ପୁସ୍ତିକା ନିର୍ବାଚନ ପୂର୍ବରୁ ପ୍ରକାଶିତ ହୋଇଥିଲା । ତହିଁରେ କୃଷକ, ମହିଳା, ଯୁବକ ଆଦି ସବୁ ବର୍ଗର ଲୋକଙ୍କ ଲାଗି ନବୀନ କ'ଣ କରିଥିଲେ ଓ ବି.ଜେ.ପି. କ'ଣ କରିବ ତା'ର ବର୍ଣ୍ଣନା ରହିଛି । ତହିଁରେ ଉତ୍ତମ ଶାସନ ଅଧ୍ୟାୟର ୧୦ ନମ୍ବରରେ କୁହାଯାଇଛି 'ଆମେ ୨୦୨୯ ସୁଦ୍ଧା ନିଶାମୁକ୍ତ ଓଡ଼ିଶା ସୃଷ୍ଟି କରିବୁ ଓ ସଂବିଧାନର ଧାରା ୪୭କୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରି ବିଷାକ୍ତ ପାନୀୟ ତଥା ଡ୍ରଗ୍ସକୁ ନିୟନ୍ତ୍ରଣ କରିବୁ ଏବଂ ସଚେତନତା ଅଭିଯାନ ତଥା ନିଶା ନିବାରଣ କେନ୍ଦ୍ରଗୁଡ଼ିକ ଗଠନ କରି ଉତ୍କୃଷ୍ଟ ଜୀବନ ଗଠନ ଦିଗରେ ପଦକ୍ଷେପ ଆରମ୍ଭ କରିବୁ ।

ଆସନ୍ତା କାଲି ବି.ଜେ.ପି. ଦାୟିତ୍ୱ ନେବାର ବର୍ଷ ପୁରିଛି । ଇତି ମଧରେ ବିକଶିତ ଓଡ଼ିଶା ଦିଗରେ ଦଳ କେତେ ସଫଳ ହୋଇଛି, ତା'ର ମୂଲ୍ୟାୟନ ପାଇଁ ସମୟ ଆସିଛି । କୃଷି ଓ କୃଷକ କଲ୍ୟାଣ ଓ ମତ୍ସ୍ୟଚାଷ ତଥା ପଶୁପାଳନ, ବିଶେଷ କରି ଆଳୁ ଓ ଡାଲିଜାତୀୟ ଦ୍ରବ୍ୟର ଉତ୍ପାଦନ ବୃଦ୍ଧି ଲାଗି ମନ୍ତ୍ରୀ ଓ ବିଭାଗୀୟ କର୍ମଚାରୀଗଣ ନାନା ପଦକ୍ଷେପ ନେବା ଆରମ୍ଭ କରିଦେଇଛନ୍ତି । ଆଉ ଶିକ୍ଷା, ଯୁବ ବ୍ୟାପାର ଓ କ୍ରୀଡ଼ାଠାରୁ ଆରମ୍ଭ କରି ଅର୍ଥନୀତି ତଥା ଶିଳ୍ପାୟନ ପର୍ଯ୍ୟନ୍ତ ବିଭିନ୍ନ ଦିଗରେ ନୂତନ ଅଧ୍ୟାୟ ସୃଷ୍ଟି ହୋଇଛି । ମୁଖ୍ୟମନ୍ତ୍ରୀ ଦେଶର ଶିଳ୍ପପତିମାନଙ୍କୁ ଓଡ଼ିଶାରେ ପୁଞ୍ଜି ନିବେଶ କରିବା ପାଇଁ ମନେଇବାରେ ଲାଗିଛନ୍ତି । ଏହା ଛଡ଼ା ସିଙ୍ଗାପୁର, ଜାପାନ ଆଦି ଗସ୍ତ କରି ବିଦେଶର ଶିଳ୍ପପତିମାନଙ୍କୁ ଓଡ଼ିଶାର ଶିଳ୍ପାୟନରେ ଅଂଶୀଦାର ହେବା ଲାଗି ଅନୁରୋଧ କରୁଛନ୍ତି । ବିଶେଷ କରି ନିଜ ଜିଲ୍ଲାକୁ ଶିଳ୍ପାନ୍ନତ କରିବା ଲାଗି ପଦକ୍ଷେପ ନେବା ଆରମ୍ଭ କରିଛନ୍ତି । ଏହାଛଡ଼ା ମହିଳା ଓ ଶିଶୁ ବିକାଶ ଏବଂ ଜନଜାତି କଲ୍ୟାଣ ଦିଗରେ ଚାଲି ଆସିଥିବା କାର୍ଯ୍ୟକ୍ରମକୁ ଅଧିକ ସକ୍ରିୟ କରିବା ଲାଗି ଆଗଭର ହୋଇଛନ୍ତି । ସୁଖର କଥା ଯେ ଓଡ଼ିଶାର ଆର୍ଥିକ ସ୍ଥିତି ଏବେ ସୁସ୍ଥ ଅବସ୍ଥାରେ ଅଛି ।

ମନ୍ତ୍ରୀମାନେ ନବାଗତ ହୋଇଥିଲେ ବି ନିଜ ଦାୟିତ୍ୱ ସଂପାଦନ କରିବା ଦିଗରେ ଆନ୍ତରିକ ଭାବରେ ସଚେଷ୍ଟ । କିନ୍ତୁ ବିକଶିତ ଓଡ଼ିଶା ଗଢ଼ିବାର ସଂକଳ୍ପରେ ଏକ ମାତ୍ର ବ୍ୟତିକ୍ରମ ହୋଇଛି ନିଶା ନିବାରଣ ।

ମଦ୍ୟାସକ୍ତ ହେଲେ ଘରୁ ଲକ୍ଷ୍ମୀ ଓ ସରସ୍ୱତୀ ଉଭୟ ବିଦାୟ ନିଅନ୍ତି । ମଦ୍ୟପର ସବୁ ପ୍ରକାର ପ୍ରତିଭା ନଷ୍ଟ ହୁଏ ଓ ତା'ର ବିବେଚନା ଶକ୍ତି ଲୋପ ପାଏ, ଯାହା ହେଉଛି ମଣିଷର ସର୍ବଶ୍ରେଷ୍ଠ ସମ୍ପଦ । ଫଳରେ ସେ ପଶୁ ଠାରୁ ମଧ ହୀନ ହୋଇଯାଏ । ଏଣୁ ଗତ ନିର୍ବାଚନ ପୂର୍ବରୁ ବି.ଜେ.ପି.ର ସଂକଳ୍ପ ରଥ ରାଜ୍ୟ ସାରା ବୁଲୁଥିଲା ବେଳେ ନିଶା ନିବାରଣ ବିଷୟରେ ଲୋକେ ନିଶ୍ଚୟ କହିଥିବେ ବା ନିଶାର ପ୍ରାଦୁର୍ଭାବ ନେଇ ଉଦ୍‌ବେଗ ପ୍ରକାଶ କରିଥିବେ । କିନ୍ତୁ ନିଶା ନିବାରଣ ସଂକଳ୍ପକୁ ପୂରାପୂରି ଅବଜ୍ଞା କରିବା ଦୁଃଖର କଥା ଏ ଦିଗରେ ନଅ ବର୍ଷରୁ ଅଧିକ କାଳ ନିଶା ନିବାରଣ କାର୍ଯ୍ୟକାରୀ କରିଥିବା ବିହାରକୁ ଏକ ଟିମ୍ ପଠାଇ ତା'ର କାର୍ଯ୍ୟକାରିତା ଓ ସେ ଦିଗରେ ସେମାନେ ଆହରଣ କରିଥିବା ଅଭିଜ୍ଞତାରୁ ସେ ଦିଗରେ ନିଜକୁ ପ୍ରସ୍ତୁତ କରିବାରେ କିଛି ଅସୁବିଧା ନ ଥିଲା । କିନ୍ତୁ ପରିତାପର ବିଷୟ, ଅବକାରୀ ବିଭାଗର ଦାୟିତ୍ୱ ନେବା ପରେ ପରେ ମନ୍ତ୍ରୀ ମହୋଦୟ ଗଣମାଧମର ପ୍ରତିନିଧିଙ୍କୁ ଯାହା କହିଲେ ତହିଁରୁ ଜଣାଗଲା ଯେ, ସେ ନିଶା ନିବାରଣର ବିରୋଧୀ । ଏଣୁ ସେ ବିହାରରୁ ଅଭିଜ୍ଞତା ଆହରଣ କରିବା ପାଇଁ ଏକ ଟିମ୍ ନ ପଠାଇ ସରକାରୀ ପଦାଧିକାରୀଙ୍କ କଥାକୁ ଦୋହରାଇଲେ ଯେ ବିହାରରେ ନିଶା ନିବାରଣ ବ୍ୟର୍ଥ ହୋଇଛି ଓ ବିଷାକ୍ତ ମଦ ଖାଇ ଲୋକେ ମରୁଛନ୍ତି ଏବଂ ସରକାର ଏକ ମୋଟା ଆୟ ହରାଇବା ସାର ହୋଇଛି । ଅବଶ୍ୟ, ଏହା ପରେ ପରେ ରାଜ୍ୟର ତିନିଟି ମୁଖ୍ୟ ସମ୍ବାଦପତ୍ର ଲାନ୍‌ସେଟ୍ ଭଳି ବିଶ୍ୱାସଯୋଗ୍ୟ ସଂସ୍ଥାର ଅନୁଧାନକୁ ଆଧାର କରି ସମ୍ପାଦକୀୟରେ ପ୍ରକାଶ କରିଛନ୍ତି ଯେ, ବିହାରରେ ନିଶା ନିବାରଣ ସମ୍ପୂର୍ଣ୍ଣ ସଫଳ ନ ହେଲେ ବି ବିହାର ରାଜ୍ୟରେ ନିଶା ନିବାରଣ ପ୍ରାୟ ୬୫% ସଫଳ ହୋଇଛି । ମହିଳାମାନଙ୍କ ଉପରେ ପାରିବାରିକ ଉତ୍ପାତ ବହୁ ପରିମାଣରେ ହ୍ରାସ ପାଇଛି ଓ ସେମାନଙ୍କ ଠାରେ ନିଷ୍ପତ୍ତି ନେବାର ଅଧିକାର, କର୍ତ୍ତୃତ୍ୱ ତଥା ନିର୍ଭିକତାର ସହ ମତ ଦେବାର ଅଧିକାର ବହୁ ପରିମାଣରେ ବୃଦ୍ଧି ପାଇଛି । ଗରିବ ଲୋକଙ୍କ ଆର୍ଥିକ ସ୍ୱଚ୍ଛଳତା ମଧ ବୃଦ୍ଧି ଘଟିଛି । କିନ୍ତୁ ବିହାରର ଚାରି ପଟେ ପଡ଼ୋଶୀ ରାଜ୍ୟରେ ନିଶା ପ୍ରଚଳନ ଚାଲିଥିବାରୁ ସେହି ପଡ଼ୋଶୀ ରାଜ୍ୟରୁ ବିହାରକୁ ବେଆଇନ ମଦ ପ୍ରବେଶ କରୁଛି । ଏ ବାବଦରେ ଅବକାରୀ ବିଭାଗର ତତ୍ପରତା ଫଳରେ ଅନ୍ୟ ରାଜ୍ୟରୁ ମଦର ଅନୁପ୍ରବେଶ ବହୁ ପରିମାଣରେ କମିଛି ।

ସେହି ସଂକଳ୍ପ ପତ୍ରରେ ୨୦୩୬ ମସିହା ବେଳକୁ ଓଡ଼ିଶା ବିକଶିତ ହୋଇଥିବ ବୋଲି ଘୋଷଣା କରାଯାଇଛି । କିନ୍ତୁ ନିଶା ପ୍ରସାରଣ ଅବ୍ୟାହତ ରହିଲେ ନିଶାଗ୍ରସ୍ତ ଯୁବଶକ୍ତି ରାଜ୍ୟକୁ ଆଗେଇ ନେବାରେ ବ୍ୟର୍ଥ ହେବ ଓ ମହିଳାମାନଙ୍କ ଉପରେ ଚାଲିଥିବା ହିଂସା ଜାରି ରହିବ ଏବଂ ସେମାନଙ୍କ ବିକାଶ ପଥ କଣ୍ଟକିତ ହେବ । ଆମ ରାଜ୍ୟର ଏକ ବଡ଼ ଅଂଶରେ ଜନଜାତି ବର୍ଗ ବାସ କରନ୍ତି ଏବଂ ସେମାନଙ୍କର ପୂର୍ଣ୍ଣାଙ୍ଗ ବିକାଶ ନ ହେଲେ ରାଜ୍ୟର ବିକାଶ ଅସମ୍ପୂର୍ଣ୍ଣ ରହିଯିବ । ଏମାନେ ପାରମ୍ପରିକ ଭାବରେ ଚାଉଳି ମଦ ପିଅନ୍ତି । ରାଜ୍ୟର ଆର୍ଥିକ ବିକାଶ ଘଟିବା ଫଳରେ ସେମାନେ ହାଣ୍ଡିଆ ନ ପିଇ ସରକାରୀ ମଦ ପିଉଛନ୍ତି । ଏହି କାରଣରୁ ସେମାନଙ୍କ ବିକାଶ ଉଦ୍ଦେଶ୍ୟରେ ବିପୁଳ ଅର୍ଥ ବ୍ୟୟର ସୁଫଳ ମିଳିପାରିବ ନାହିଁ । ନିଶା ନିବାରଣ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ନ ହେଲେ ସରକାରଙ୍କ ସବୁ ଉଦ୍ୟମ ଅମୃତ ଭାଣ୍ଡରେ ବିଷ ପଡ଼ିବା ଭଳି ମୂଲ୍ୟହୀନ ହୋଇଯିବ । ସଂକଳ୍ପ ପତ୍ରରେ ପାଞ୍ଚ ବର୍ଷ ମଧରେ ଓଡ଼ିଶାର ବିକାଶ ଦୁଇ ଗୁଣ ହେବ ବୋଲି ଯାହା ଆଶା କରାଯାଇଛି, ତାହା ବିଫଳ ହେବ । ବି.ଜେ.ଡି. ସରକାରଙ୍କ ନିଶା ନିବାରଣ ଦିଗର ବ୍ୟର୍ଥତାକୁ ସୁଧାରିବା ଲାଗି ସଂକଳ୍ପପତ୍ର ପ୍ରସ୍ତୁତ କରିଥିବା ବି.ଜେ.ପି. ଏ ଦିଗରେ କୌଣସି ଆଗ୍ରହ ପ୍ରକାଶ କରୁନାହିଁ । ଦଳର ସ୍ଥାୟୀ ସଭାପତି ମନୋନୟନ କାର୍ଯ୍ୟ ବର୍ଷକ ମଧରେ ହୋଇପାରିଲା ନାହିଁ । ଏଣୁ ଚମତ୍କାର ସଂକଳ୍ପପତ୍ରର ରୂପାୟନ ଅପୂର୍ଣ୍ଣାଙ୍ଗ ରହିଯାଇଛି । ଦଳ ହିଁ ସଂକଳ୍ପପତ୍ର ପ୍ରସ୍ତୁତ କରିଥିଲା; ଯାହାକୁ ପ୍ରାର୍ଥୀମାନେ ନିର୍ବାଚନରେ ବ୍ୟସ୍ତ ରହି ପଢ଼ିପାରି ନ ଥିବେ । ସଂକଳ୍ପ କାର୍ଯ୍ୟରେ ରୂପାୟିତ ହେଲେ ହିଁ ତା'ର ସାର୍ଥକତା ପ୍ରତିପାଦିତ ହୁଏ । ଗୋଟିଏ ନିଶାଗ୍ରସ୍ତ ଜାତିକୁ ସୁଧାରିବା ବେଶ୍ କଷ୍ଟକର । ଖାଲି ଦଳର କର୍ମକର୍ତ୍ତା ଓ ବିଧାୟକମାନେ ନୁହନ୍ତି, ସମଗ୍ର ଜାତି ନିଶାକୁ ଏକ ଶତ୍ରୁ ଭାବରେ ବିଚାର କରି ତା'ର ମୂଳୋତ୍ପାଟନ ଦିଗରେ ଏକମୁଖୀ ହେଲେ ହିଁ ଓଡ଼ିଆ ଜାତିର ଏକ ନବକଳେବର ସୃଷ୍ଟି ହେବ ।



# ସତ୍ୟାଗ୍ରହ ହିଁ ସୁନିଶ୍ଚିତ ମାର୍ଗ

## ମହାତ୍ମା ଗାନ୍ଧୀ

ମୁଁ ଦାବି କରି କହିବି ଯେ, ସେହି ଏଷଣାର ଅନୁଧାବନରେ ହିଁ ସତ୍ୟାଗ୍ରହର ଆବିଷ୍କାର ନିହିତ ହୋଇ ରହିଛି । ଅବଶ୍ୟ ଏକଥାଟିକୁ କଦାପି ଦାବି କରଯାଇ ପାରିବ ନାହିଁ ଯେ, ସତ୍ୟାଗ୍ରହର ସବୁଯାକ ନିୟମର ବୟାନ କିମ୍ବା ଆବିଷ୍କାର ହୋଇ ସାରିଛି । ମୁଁ ଦୃଢ଼ ଏବଂ ନିର୍ଭୟଭାବରେ ଏତିକି ଅବଶ୍ୟ କହି ପାରିବି ଯେ, ସତ୍ୟାଗ୍ରହର ପ୍ରୟୋଗ ଦ୍ୱାରା ଆମେ ହାସଲ କରିବାର ଯୋଗ୍ୟ ଯାବତୀୟ ଲକ୍ଷ୍ୟକୁ ହାସଲ କରିପାରିବା । ଏହା ହେଉଛି ସର୍ବୋଚ୍ଚ ଏବଂ ଭ୍ରାନ୍ତିଶୂନ୍ୟ ପନ୍ଥା, ଏକ ମହାନତମ ଶକ୍ତି । ଆଉ ଅନ୍ୟ କୌଣସି ପନ୍ଥାଦ୍ୱାରା ସମାଜବାଦ କଦାପି ଉପଲବ୍ଧ ହେବ ନାହିଁ । କେବଳ ସତ୍ୟାଗ୍ରହ ହିଁ ସମାଜକୁ ରାଜନୀତିକ, ଅର୍ଥନୀତିକ ଓ ସାମାଜିକ ଯାବତୀୟ ଅନର୍ଥର କବଳରୁ ମୁକ୍ତ କରି ଆଣି ପାରିବ । କରାଚୀ କଂଗ୍ରେସର ପ୍ରସ୍ତାବରେ ଯେପରି ଲିପିବଦ୍ଧ କରାଯାଇଛି । ମୁଁ ମୂଳ ଏବଂ ପ୍ରଧାନ ଉଦ୍ୟୋଗଗୁଡିକର ଜାତୀୟକରଣରେ ବିଶ୍ୱାସ କରେ । ବର୍ତ୍ତମାନ ପାଇଁ ମୁଁ ତାହାଠାରୁ ଆଉ ଅଧିକ କିଛି ଦେଖିପାରୁ ନାହିଁ । ଉତ୍ପାଦନର ଯାବତୀୟ ସାଧନର ଜାତୀୟକରଣ ହେଉ ବୋଲି ମଧ ମୁଁ ଇଚ୍ଛା କରୁନାହିଁ । ଆମେ କ'ଣ ରବୀନ୍ଦ୍ରନାଥ ଠାକୁରଙ୍କ ମଧ ଜାତୀୟକରଣ କରିଦେବା ? ଏସବୁକୁ କେବଳ ଦିବାସ୍ୱପ୍ନ ବୋଲି କୁହାଯିବ । ମୁଁ ଘରୋଇ ଉଦ୍ୟୋଗରେ ବିଶ୍ୱାସ କରେ, ଯୋଜନାବଦ୍ଧ ଉତ୍ପାଦନରେ ମଧ ବିଶ୍ୱାସ କରେ । ଯଦି କେବଳ ରାଷ୍ଟ୍ର ସକଳ ଉତ୍ପାଦନର ଦାୟିତ୍ୱ ନେବ, ତେବେ ଲୋକମାନଙ୍କର ନୈତିକ ତଥା ବୁଦ୍ଧିଗତ ଅଧଃପତନ ଘଟିବ । ସେମାନେ ସେମାନଙ୍କର ଦାୟିତ୍ୱ ଭୁଲିଯିବେ । ତେଣୁ ମୁଁ ବରଂ ପୁଞ୍ଜିପତି ଓ ଜମିଦାରକୁ ସେମାନଙ୍କର କାରଖାନା ଏକ ଜମିକୁ ସେମାନଙ୍କ ହାତରେ ରଖିବା ପାଇଁ ଅନୁମତି ଦେବି, ମାତ୍ର ସେମାନେ ନିଜକୁ ନିଜ ସମ୍ପତ୍ତିର କେବଳ ଟ୍ରଷ୍ଟୀ ବୋଲି ବିଚାର କରନ୍ତୁ ବୋଲି ଅବଶ୍ୟ ଆଶା କରିବି ।

ରାଷ୍ଟ୍ରର ନିୟନ୍ତ୍ରଣ ନ ଥାଇ ମଧ ଜାତୀୟକରଣ ଅବଶ୍ୟ ସମ୍ଭବ ହେବ । ମୁଁ ଶ୍ରମିକମାନଙ୍କର ହିତ ନିମନ୍ତେ ହୁଏତ ଏକ ମିଲ୍ ଆରମ୍ଭ କରିଦେଇ ପାରିବି । ଯଦି ମୁଁ ଦେଶକୁ ମୋ' ଦୃଷ୍ଟିଆଡ଼କୁ ଦୀକ୍ଷିତ କରି ଆଣିପାରିବି, ତେବେ ଭବିଷ୍ୟତର ସମାଜବ୍ୟବସ୍ଥା ପ୍ରଧାନତଃ ଚରଖା ଏବଂ ଚରଖା ବୁଝାଉଥିବା ଯାବତୀୟ କଥା ଉପରେ ହିଁ ଆଧାରିତ ହୋଇ ରହିବ । ଗ୍ରାମରେ ବାସ କରୁଥିବା ଲୋକଙ୍କର କଲ୍ୟାଣ ବୃଦ୍ଧି କରୁଥିବା ସବୁକିଛି ସେଥିରେ ରହିବ । ଗ୍ରାମ ଓ ଗ୍ରାମଜୀବନକୁ ଯାନ୍ତ୍ରିକ ଉଦ୍ୟୋଗଗୁଡିକ ଯେ ପର୍ଯ୍ୟନ୍ତ ନଷ୍ଟ କରିଦେଇ ନ ଥିବେ, ଏଥିରେ ସେ ପର୍ଯ୍ୟନ୍ତ ସେଗୁଡିକୁ କଦାପି ବାଦ୍ ଦିଆଯିବ ନାହିଁ ।

ମୋ' ଆଗରେ ରହିଥିବା ଚିତ୍ରଟି ଭିତରେ ବିଦ୍ୟୁତ୍‌ଶକ୍ତି ରହିଛି, ଜାହାଜ ତିଆରି ରହିଛି, ଲୁହା କାରଖାନା, ଯନ୍ତ୍ରପାତି ନିର୍ମାଣ ଓ ସେହିଭଳି ଆହୁରି ଅନେକ କିଛି ରହିଛି, ଏଗୁଡିକ ଗ୍ରାମଶିଳ୍ପଗୁଡିକର ପାଖେପାଖେ ରହିବ । ମାତ୍ର, ନିର୍ଭରଶୀଳତା ଦିଗଟି ଏକାବେଳେକେ ଓଲଟିଯିବ । ଏ ପର୍ଯ୍ୟନ୍ତ ତ ଉଦ୍ୟୋଗୀକରଣର ଯାହାକିଛି ଯୋଜନା କରାଯାଇଛି, ତାହା ଗ୍ରାମ ଓ ଗ୍ରାମର ଶିଳ୍ପଗୁଡିକୁ ନଷ୍ଟ କରି ଦେଇଛି । ଭବିଷ୍ୟତର ରାଷ୍ଟ୍ରବ୍ୟବସ୍ଥାରେ ତାହା ଗ୍ରାମ ଓ ସେଗୁଡିକର ଶିଳ୍ପର ଅଭିବୃଦ୍ଧି ଲାଗି ଉଦ୍ଦିଷ୍ଟ ହୋଇ ରହିବେ । ମୁଁ ସମାଜବାଦୀମାନଙ୍କର ସେହି ବିଶ୍ୱାସରେ ଆଦୌ ସମ୍ମତି ଦେବି ନାହିଁ ଯେ, ଜୀବନର ଅତ୍ୟାବଶ୍ୟକତାଗୁଡିକର କେନ୍ଦ୍ରୀକରଣ ହୋଇଯିବା ଦ୍ୱାରା ସାଧାରଣ ଜନଗଣଙ୍କର କଲ୍ୟାଣ ବୃଦ୍ଧି ହୋଇ ପାରିବ ଏବଂ କେନ୍ଦ୍ରୀକୃତ ଶିଳ୍ପଗୁଡିକର ଯୋଜନା ରାଷ୍ଟ୍ର କରୁଥିବ, ରାଷ୍ଟ୍ର ସେଗୁଡିକ ଉପରେ ମାଲିକ ହୋଇଥିବ । ପାଶ୍ଚାତ୍ୟ ଜଗତର ସମାଜବାଦୀ କଳ୍ପନା ଏପରି ଏକ ବାତାବରଣରେ ଜନ୍ମ ଗ୍ରହଣ କରିଥିଲା, ଯାହାକି ହିଂସାର ଦୁର୍ଗନ୍ଧରେ ପୂର୍ଣ୍ଣ ହୋଇ ରହିଥିଲା । ପାଶ୍ଚାତ୍ୟ ଅଥବା ପ୍ରାଚ୍ୟ ଯେ କୌଣସି ପ୍ରଭେଦ ଆଦୌ ନାହିଁ- ଦୁଇଟିଯାକ ହିଁ ସମଗ୍ର ସମାଜର ସର୍ବାଧିକ କଲ୍ୟାଣ ଇଚ୍ଛା କରୁଛନ୍ତି ଏବଂ ସେହିସବୁ ଘୃଣ୍ୟ ଅସମାନତାଗୁଡିକର ଲୋପସାଧନ କରିବାକୁ ଚାହୁଁଛନ୍ତି ଯାହା ଫଳରେ କି ମୁଷ୍ଟିମେୟ ବ୍ୟକ୍ତିଙ୍କ ପାଖରେ ସବୁକିଛି ରହିଥିବା ବେଳେ ଲକ୍ଷ ଲକ୍ଷ ମନୁଷ୍ୟ ନିଃସ୍ୱ ହୋଇ ରହିଛନ୍ତି । ମୋ'ର ଦୃଢ଼ ବିଶ୍ୱାସ ଯେ, ଏକ ନ୍ୟାୟୋଚିତ ସମାଜ ରଚନାର ଭୂମିରୂପେ ପୃଥିବୀର ସର୍ବୋତ୍ତମ ମନୀଷା ଅହିଂସାକୁ ହିଁ ଗ୍ରହଣ କରି ନେଇ ପାରିଲେ ଏହି ଲକ୍ଷ୍ୟଟିକୁ ହାସଲ କରିବା ସମ୍ଭବ ହୋଇପାରିବ । ମୁଁ ଭାବୁଛି ଯେ, ସର୍ବହରା ଶ୍ରେଣୀ ହିଂସାଦ୍ୱାରା କ୍ଷମତାକୁ ଆସିଲେ ତାହା ଶେଷକୁ ଅବଶ୍ୟ ଭୁଶୁଡି ପଡିବ । ଯାହାକିଛି ହିଂସାଦ୍ୱାରା ହାସଲ କରାଯାଇଥିବ, ତାହାକୁ ବୃହତ୍ତର ହିଂସାର ସମ୍ମୁଖୀନ ହରାଇବାକୁ ହିଁ ପଡିବ । ସ୍ୱାଧୀନତା ଏକାବେଳକେ ତଳୁ ହିଁ ଆରମ୍ଭ ହେବ । ଅର୍ଥାତ୍ ପ୍ରତ୍ୟେକ ଗ୍ରାମ ଏକ ଗଣତନ୍ତ୍ରୀ ଗଠନରେ ପରିଣତ ହେବ ଓ ପଞ୍ଚାୟତ ହାତରେ ପୂର୍ଣ୍ଣ କ୍ଷମତା ରହିବ । ତାହାର ଅର୍ଥ ହେଉଛି ପ୍ରତ୍ୟେକ ଗାଆଁକୁ ଆତ୍ମନିର୍ଭରଶୀଳତ ହେବାକୁ ପଡିବ ଏବଂ ତାହା ଆପଣାର ଯାବତୀୟ ବ୍ୟାପାରକୁ ନିଜେ ତୁଲାଇ ପାରୁଥିବ ଓ ଏପରିକି ସମଗ୍ର ପୃଥିବୀ ସମ୍ମୁଖରେ ଆପଣାର ପ୍ରତିରକ୍ଷା ମଧ କରି ପାରୁଥିବ । ବାହାରୁ ଯେ କୌଣସି ଆକ୍ରମଣ ହେଉ ପଛକେ, ତାହା ସମୟରେ ଆପଣାର ରକ୍ଷା କରିବା ଲାଗି ଗାଆଁ ତାଲିମ ପାଇଥିବ ଓ ସେହି ରକ୍ଷା କରିବାର ପ୍ରକ୍ରିୟାରେ ବିଲୁପ୍ତ ହୋଇଯିବାକୁ ମଧ ପ୍ରସ୍ତୁତ ହୋଇ ରହିଥିବ । ଏପରି ଭାବରେ, ସର୍ବଶେଷରେ, ବ୍ୟକ୍ତି ହିଁ ଏକକ ହୋଇ ରହିବ । ଏହାର ଅର୍ଥ ନୁହେଁ ଯେ ପ୍ରତିବେଶୀମାନଙ୍କ ଠାରୁ ବା ବୃହତ୍ତର ପୃଥିବୀ ଠାରୁ କେହି କୌଣସି ସାହାଯ୍ୟ ଆଣିବେ ନାହିଁ ଏବଂ କେହି କାହାରି ଉପରେ ଆଦୌ ନିର୍ଭର କରିବେ ନାହିଁ । ପ୍ରକୃତ କ୍ଷେତ୍ରରେ ପାରସ୍ପରିକତାର ଶକ୍ତିଗୁଡିକ ମୁକ୍ତ ତଥା ସ୍ୱତଃପ୍ରେରିତ ଭାବରେ ସଚଳ ହୋଇ ରହିଥିବେ । ଏପରି ଏକ ସମାଜ ଅନିବାର୍ଯ୍ୟତଃ ପ୍ରଭୁତ ପରିମାଣରେ ସଂସ୍କୃତି ସଂପନ୍ନ ହୋଇ ରହିଥିବ, ଯେଉଁଥିରେ କି ପ୍ରତ୍ୟେକ ପୁରୁଷ ଓ ପ୍ରତ୍ୟେକ ସ୍ତ୍ରୀ ଆପଣାର ପ୍ରୟୋଜନକୁ ଉତ୍ତମ ଭାବରେ ଜାଣିଥିବେ ଏବଂ ଆହୁରି ବଡ଼ କଥା ହେଉଛି, ସମାନ ଶ୍ରମ କରି ଅନ୍ୟମାନେ ଯେଉଁ ଦ୍ରବ୍ୟକୁ ପାଇ ପାରୁ ନାହାନ୍ତି, ସେହି ଦ୍ରବ୍ୟକୁ ପାଇବାଲାଗି ସେହି କଦାପି ଆଶା କରିବା ଉଚିତ ନୁହେଁ ବୋଲି ମଧ ସେମାନେ ଜାଣିଥିବେ ।

# ସ୍ୱର୍ବେଦ

(ଆଧ୍ୟାତ୍ମିକ ବନ୍ଦନା)

**ପରମ ଦେୱ ପ୍ରଭୁ ୱନ୍ଦନା,**
**ଅନୁଭୱ ଶବ୍ଦ ସ୍ୱରୂପ ।**
**ଭୀତର ବାହର ରମି ରହା,**
**ବ୍ୟାପ୍ତ ସକଲ ଘଟ ରୂପ ॥୧୪॥**

ଭାଷ୍ୟ - ଭୌତିକ ଓ ଆଧ୍ୟାତ୍ମିକ ଦୁଇ ପ୍ରକାରର ବନ୍ଦନା ହୋଇଥାଏ । ଭୌତିକ ବନ୍ଦନା ସଂସାରୀ ପ୍ରାଣୀ କରିଥାନ୍ତି ଆଉ ଆଧ୍ୟାତ୍ମିକ ଅନୁଭବ, ଭାବପୂର୍ଣ୍ଣ ବନ୍ଦନା ଯୋଗୀଜନ କରିଥାନ୍ତି । ଅନୁଭବ ଶବ୍ଦସ୍ୱରୂପ ପରମପ୍ରଭୁଙ୍କର ବନ୍ଦନା ଅଟେ, ଯାହା ଭୌତିକ ସମସ୍ତ ନାମ ରୂପ ଜଗତରେ ବ୍ୟାପକ ହୋଇ ଭିତରେ ବାହାରେ ଗତି ପ୍ରଦାନ କରୁଛି ।

**ପରମ ପୁରୁଷ କୀ ବନ୍ଦନା,**
**ଅନ୍ତରଯାମୀ ଦେୱ ।**
**ଅଖିଲ ୱିଶ୍ୱ ବ୍ରହ୍ମାଣ୍ଡ କା,**
**ସଂଚାଲକ ମମ ଦେୱ ॥୧୫॥**

ଭାଷ୍ୟ - ସମସ୍ତ ବିଶ୍ୱ ବ୍ରହ୍ମାଣ୍ଡର ସଂଚାଳନକାରୀ ମୋର ଦେବ ଅଟନ୍ତି । ସେହି ଅନ୍ତର୍ଯ୍ୟାମୀ ଦେବ ପରମ ପୁରୁଷଙ୍କୁ ନମସ୍କାର କରୁଛି ।

**ଅମୃତ ସାଗର ବ୍ୟାପ୍ତ ହୈଁ,**
**ଅକଲ କଲା କମନୀୟ ।**
**ଅନ୍ତର ଅନୁଭୱ ଅଗମ ସୁଖ,**
**କର ପ୍ରଣମ୍ୟ ଗତି ହୀୟ ॥୧୬॥**

ଭାଷ୍ୟ - ପ୍ରାକୃତ ଗୁଣ, କର୍ମରହିତ ଚେତନ ଗୁଣ, ବିସିଷ୍ଟ ଅମୃତ ପରମାନନ୍ଦ ସର୍ବତ୍ର ବ୍ୟାପ୍ତ ଅଟନ୍ତି । ତାଙ୍କୁ ଅନ୍ତର ଗତିରେ ପ୍ରଣାମ କଲେ ଅଗମ ସୁଖର ଅନୁଭବ ହୋଇଥାଏ ।

**ତୁଂହରୀ କୃପା କଟାକ୍ଷ କେ,**
**ଭୂଖେଁ ହୌ ହେ ନାଥ ।**
**କୱଚ ରୂପ ଜନ ରକ୍ଷିତା, ସର୍ୱ**
**ୱୌର ପ୍ରଭୁ ସାଥ ॥୧୭॥**

ଭାଷ୍ୟ - ହେ ନାଥ ! ତୁମ କୃପା




କଟାକ୍ଷର ଭୋକିଲା ମୁଁ । ତୁମର କଣିଚାଏ କୃପା କବଚସ୍ୱରୂପ ମୋର ସୁରକ୍ଷା କରିଥାଏ । ହେ ପ୍ରଭୁ ! ସଂରକ୍ଷକ ! ଆପଣ ସବୁବେଳେ ମୋ ସାଥୀରେ ଅଛନ୍ତି ।

**ଭକ୍ତନ ୱତ୍ସଲ ହୈଁ ପ୍ରଭୁ, ଭକ୍ତନ**
**ପ୍ରାଣ ଅଧାର ।**
**ନାଥ ଦେୱ ହୈଁ ଜାନ ସବ,**
**ପରିଭୂ ଗୋଦ ତୁଂହାର ॥୧୮॥**

ଭାଷ୍ୟ - ହେ ଭକ୍ତବନ୍ଧୁ ! ଭକ୍ତର ପ୍ରାଣଆଧାର !ନାଥ !ସର୍ବଜ୍ଞ !ସ୍ୱାମୀନ୍ ! ମୁଁ ନିଜକୁ ତୁମ ଚରଣରେ ସମର୍ପି ଦେଇଛି । ମୋର ରକ୍ଷା କରନ୍ତୁ ।

**ଦୃଷ୍ଟି ଖୁଲେ ଅନ୍ତର ଗର୍ଜେ, ଅନ୍ତର**
**ଦିବ୍ୟ ପ୍ରକାଶ ।**
**ଦଶୋ ଦିଶା ମେଁ ପୂର୍ଣ୍ଣ ହୈଁ,**
**ବ୍ୟାପକ ଶବ୍ଦ ୱିକାଶ ॥୧୯॥**

ଭାଷ୍ୟ - ଚେତନ ଦିବ୍ୟଦୃଷ୍ଟି ଖୋଲିବା ପରେ ଭିତର ପ୍ରଦୀପ୍ତ ହେବାରେ ଲାଗେ ଓ ତା ଭିତରେ ଦିବ୍ୟ ପ୍ରକାଶ ପ୍ରାପ୍ତହୁଏ । ସେହି ବ୍ୟାପକ ଶବ୍ଦ ପ୍ରକାଶ ଦଶ ଦିଶରେ ପୂର୍ଣ୍ଣ ହୋଇ ରହିଛି ।

**ମଛଲୀ ଜଲ କୀରିଡ଼ା କରେ,**
**ତୈଁା ଜନ ରୂପ ତୁଂହାର ।**
**ହେ ପ୍ରଭୁ ଶରଣ ମେଁ ରାଖିୟେ,**
**ଭୂଲେ ନ ଶବ୍ଦ ଅଧାର ॥୨୦॥**

ଭାଷ୍ୟ - ଯେଉଁ ପ୍ରକାର ମୀନ ଜଳରେ କ୍ରୀଡ଼ା କରୁଥାଏ ଠିକ୍ ସେହିପରି ସନ୍ଥଜନ ତୁମର ସ୍ୱରୂପରେ କ୍ରୀଡ଼ା କରନ୍ତି । ହେ ପ୍ରଭୁ ! ନିଜର ଶରଣରେ ରଖନ୍ତୁ ଯେମିତି ଶବ୍ଦର ଆଧାରକୁ କଦାପି ଭୁଲିହେବ ନାହିଁ ଅର୍ଥାତ୍ ଚେତନ ଧାର ତୁଟିଯାଇ ଅଧୋମୁଖୀ ନ ହେଉ । ମୀନ ଜଳର ଆନନ୍ଦ ନେଲା ପରି ସନ୍ଥଜନ ଶବ୍ଦାନନ୍ଦକୁ ପ୍ରାପ୍ତିକରି ତହିଁରେ ବିହାର କରନ୍ତି ।

**ବାହର ଦେଖୋ ଜଗତ କୋ,**
**ଫିର ଭୀ ସାଥ ପ୍ରକାଶ ।**
**ଅନ୍ତର ଚେତନ ଦୃଶ୍ୟ ହୈଁ, ତୁ ତୁ**
**ତୁ ଭୟ ଭାସ ॥୨୧॥**

ଭାଷ୍ୟ - ଆତ୍ମାର ଚେତନଶକ୍ତିରେ ସମ୍ବନ୍ଧ ହେଲା ପରେ ହିଁ ବାହ୍ୟକରଣ ଦ୍ୱାରା ପ୍ରକୃତିର ବ୍ୟବହାର ହୋଇଥାଏ । ସେଥିପାଇଁ ବାହାର ଜଗତକୁ ଦେଖିଲା ପରେ ମଧ୍ୟ ଚେତନ ପ୍ରକାଶ ସାଥୀରେ ରହିଥାଏ । ସୁତରାଂ ଯୋଗୀଗଣଙ୍କର ଦୃଷ୍ଟି ସଂସାରୀ ଜୀବମାନଙ୍କ ନିମନ୍ତେ କଲ୍ୟାଣର ହେତୁ ହୋଇଥାଏ । ବାହାରେ ମଧ୍ୟ ପ୍ରକାଶ ଏବଂ ଭିତରେ ମଧ୍ୟ ଚେତନ ଦୃଶ୍ୟ ଅଛି । ଏହି ପ୍ରକାର ସର୍ବତ୍ର ପୂର୍ଣ୍ଣ ବ୍ରହ୍ମଙ୍କର ପ୍ରକାଶ ଅନୁଭବ ହୋଇଥାଏ ।

**ଅଦ୍‌ଭୁତ ଲୀଲା ଆପ କୀ, ଅକଥ**
**କଥା ତୱ ନାଥ ।**
**ଅନ୍ତର ଶବ୍ଦ ସମୁଦ୍ର ହୈଁ, ବାହର**
**ଜଗ କେ ସାଥ ॥୨୨॥**

ଭାଷ୍ୟ - ହେ ନାଥ ! ଆପଣଙ୍କର ଜ୍ଞାନ କଥା ଅକଥନୀୟ ଅଟେ ଏବଂ ଆପଣଙ୍କର ଆଶ୍ଚର୍ଯ୍ୟମୟୀ ଲୀଳା ଅଟେ । ଅନ୍ତର ଶବ୍ଦର ସାଗର ଅଟେ ଆଉ ବାହାର ସଂସାରର ସମ୍ବନ୍ଧ ରହିଛି । ଯୋଗୀ ଅନ୍ତରର ଶବ୍ଦାନନ୍ଦରେ ନିମଗ୍ନ ହୋଇ ବାହାର ସଂସାରର ମଧ୍ୟ କାର୍ଯ୍ୟ କରିଥାଏ ।

**ହମ ତୁମ ତୁମ ହମ ଏକ ହୈଁ,**
**ହମ ତୁମ ଏକେ ଦେୱ ।**
**ଲୋହା ଅଗିନ ସ୍ୱରୂପ ଭୟ, ଅବ**
**କଛୁ ରହା ନ ଭେୱ ॥୨୩॥**

ଭାଷ୍ୟ - ଜୀବ ଆଉ ବ୍ରହ୍ମ ଦୁହିଁଙ୍କର ଚେତନ ଜାତି ଏକ ସମାନ ଅଟେ । ସମାଧିରେ ଲୌହ ଅଗ୍ନିବତ୍ ଜୀବ, ବ୍ରହ୍ମର ସାଧର୍ମ୍ୟକୁ ପ୍ରାପ୍ତ ହୋଇଯାଏ, ଦୁହିଁଙ୍କର ଭିତରେ କୌଣସି ଭେଦ ରହିଯାଏ ନାହିଁ । ଜୀବ ବ୍ରହ୍ମ ଦୁହେଁ ଭିନ୍ନ ଭିନ୍ନ ସତ୍ତା ଅଟନ୍ତି ଓ କୂଟସ୍ଥ, ନିତ୍ୟ ଅଟନ୍ତି । ଦୁଇ ଚେତନ ବସ୍ତୁ କଦାପି ଏକ ହୋଇ ନ ଥାନ୍ତି, କିନ୍ତୁ ଦୁହିଁଙ୍କର ସ୍ୱଭାବ, ଗୁଣ ଏକ ସମାନ ହୋଇଯାଏ, ମାତ୍ର ସତ୍ତା ଏକ ହୋଇ ନ ଥାଏ । ଏହି ପ୍ରକାର ଜୀବ ଏବଂ ବ୍ରହ୍ମର ଏକତା ବିଷୟରେ କୁହାଯାଇଛି । ଜୀବ ପରିମିତ, ଶକ୍ତିମାନ ଅଟେ । ସେଥିରେ ନିଜର ପରିମିତ କ୍ଷେତ୍ର ଅନୁସାରେ ଈଶ୍ୱରଙ୍କ ସହିତ ସମ୍ବନ୍ଧ ହେବା ଫଳରେ ତାଙ୍କର ଗୁଣ ଆସିଯାଏ, କିନ୍ତୁ ସେହି ଈଶ୍ୱର ସମାନ ସୃଷ୍ଟି କର୍ତ୍ତୃତ୍ୱ ଆଦି ଶକ୍ତିକୁ ପ୍ରାପ୍ତ କରିପାରେ ନାହିଁ । ସେଥିପାଇଁ ଜୀବ ଆଉ ବ୍ରହ୍ମ ଏକ ନୁହନ୍ତି, ଦୁଇଟି ଭିନ୍ନ ବସ୍ତୁ ଅଟନ୍ତି ।

**ଭୂଲେ ମତି ଅଭିମାନ ୟହ,**
**ସ୍ୱାମୀ ସେୱକ ଭାୱ ।**
**ଭକ୍ତି ଦାନ ପ୍ରଭୁ ଦୀଜିୟେ, ଗତି**
**ଅନନ୍ୟ ପରଭାୱ ॥୨୪॥**

ଭାଷ୍ୟ - ସ୍ୱାମୀ ଆଉ ସେବକଙ୍କ ଭାବର ଅଭିମାନ କେବେ ଭୁଲନ୍ତୁ ନାହିଁ । ହେ ପ୍ରଭୁ ! ମୋତେ ନିଜର ପ୍ରକାଶରେ ଅନନ୍ୟଶରଣ ଭକ୍ତି ପ୍ରଦାନ କରନ୍ତୁ ।

# ଅଧିକାର ଭାର ନ ହେଉ

**ଯେ**ତେବେଳେ ଆମେ ଅଧିକାର ସମ୍ବନ୍ଧରେ ଚର୍ଚ୍ଚା କରୁ ତ ତାହା ଦୁଇ ପ୍ରକାର ବୋଲି ବୁଝାଯାଏ । ଏକରେ ତ ସେହି ଅଧିକାର ଯାହା ଆମ ଉପରେ ଥାଏ, ଦ୍ୱିତୀୟ ହେଉଛି ସେହି ଅଧିକାର ଯାହାକୁ ଆମେ ପରିସ୍ଥିତିବଶତଃ ଅନ୍ୟ ଉପରେ ଅଥବା ନିଜ ଜୀବନର ଘଟକଗୁଡ଼ିକ ଉପରେ ଲଦିଥାଉ । ଅଧିକାର ଏମିତି ଜିନିଷ, ଯାହାକୁ ଆମେ ଦେଖୁ ନ ଥାଉ, ପରନ୍ତୁ ତା'ର ଆଜ୍ଞାର ପାଳନ ଆମେ ଏପରି କରିଥାଉ, ସତେ ଯେପରି ସାରା ସଂସାର ଆମ ଉପରେ ନିର୍ଭରଶୀଳ । ଅଧିକାରୀ ହେବା ଉପଯୁକ୍ତ, କିନ୍ତୁ କେଉଁଥି ପାଇଁ ? କ'ଣ ଆତ୍ମାର ମଧ କୌଣସି ଅଧିକାର ଥାଏ । ଯେଉଁ ଜୀବନକୁ ଆମେ ଯାପନ କରିଥାଉ, ସେଥି ଅନେକ କଷ୍ଟକର ସ୍ଥିତି ଆସିଥାଏ, ଫଳରେ ମନୁଷ୍ୟ ନିଜର ସନ୍ତୁଳନ ହରାଇ ବସେ, କେତେବେଳେ ବିଷୟ ବାସନା ତା' ଭିତରେ ପ୍ରବେଶ କରିଯାଏ ତାକୁ ଜଣାପଡ଼ି ନ ଥାଏ, ତା'ର ସମଗ୍ର ଜୀବନ ଅନ୍ଧକାରମୟ ଏବଂ ଅଜ୍ଞାନରେ ଗ୍ରସ୍ତ ହୋଇଯାଏ । ଏପରି ସେତେବେଳେ ହୋଇଥାଏ, ଯେତେବେଳେ ଆମକୁ କ'ଣ କରିବାକୁ ହେବ ଜଣାପଡ଼ି ନ ଥାଏ ଏବଂ ଯଦି ଜଣାପଡ଼େ ତ ସେହି ଦିଗରେ ଆମେ ବଢ଼ିପାରି ନ ଥାଉ ।

ମନୁଷ୍ୟର ଏହି ଦୁର୍ବଳତାର ସୁଯୋଗ ପରିସ୍ଥିତିଗୁଡ଼ିକ ନେଇଥାଏ, ତାକୁ ବୋକା ଓ ଅଯୋଗ୍ୟ ପ୍ରମାଣିତ କରି ଦେଇଥାଏ । ଏପରି ସ୍ଥିତିରେ ଯଦି ଆମେ କିଛି ଉପଯୁକ୍ତ କରିବାକୁ ଚାହୁଁଛେ ଏବଂ ନିଜର ଜୀବନକୁ ଶ୍ରେଷ୍ଠ-ସମୁନ୍ନତ କରିବାକୁ ଚାହୁଁଛେ, ତେବେ ପ୍ରଥମେ ନିଜର ଅଧିକାର ଆତ୍ମାକୁ ଦେବାକୁ ପଡ଼ିବ ।

ଆତ୍ମା କ'ଣ କହେ ? ଏହାକୁ ଚିହ୍ନିବାକୁ ହେଲେ ଏତିକି ବୁଝିବାକୁ ହେବ ଯେ ଆତ୍ମା ବସ୍ତୁ, ବିଚାର ଓ ପରିସ୍ଥିତିଗୁଡ଼ିକ ଠାରୁ ଭିନ୍ନ, ତା'ର ସ୍ୱରୂପ ଅତ୍ୟନ୍ତ ବିଲକ୍ଷଣ ଏବଂ ସ୍ୱଭାବ ଦୃଷ୍ଟିରୁ ପରିଷ୍କୃତ ତଥା ତାକୁ ଲୋପ କରାଯାଇ ପାରିବ ନାହିଁ ।

ଏହି ଦୃଢ଼ ମନୋଭୂମି ଉପରେ ଯେବେ ମନୁଷ୍ୟ ବିଚାର କରିବାକୁ ଲାଗେ, ତ ତା'ର ଉତ୍ସାହ କୌଣସି ଦିଶାକୁ ପ୍ରାପ୍ତ ହୋଇଥାଏ ଏବଂ ତା'ର ସାହସ ମଜଭୁତ ହୋଇଥାଏ । ଫଳରେ ଯାହା ତାକୁ ବାସ୍ତବରେ କରିବା ଉଚିତ, ସେ ଦେଖୁ ଦେଖୁ ତାହା କରିବାକୁ ଲାଳାୟିତ ହୋଇଥାଏ ଏବଂ ତାହା ହେଉଛି ଆତ୍ମବିଚାର ଓ ଆତ୍ମ ନିୟମନର କ୍ରିୟାବିଧି । ଆତ୍ମା ଆମ ସାଙ୍ଗରେ ଥିବାରୁ ତାକୁ ଛାଡ଼ି ଯିବାର ପ୍ରଶ୍ନ ଉଠେ ନାହିଁ ଏବଂ ତାକୁ ଅନୁକୂଳ ପ୍ରୟୋଜନ ମିଳିବା ପାଇଁ ପୁରୁଷାର୍ଥ-ପ୍ରଯନ୍ କରିବାର ଉତ୍କଣ୍ଠା ଓ ଉତ୍ସାହ ଜାଗି ଉଠେ । ଏହାକୁ ହିଁ ଦୈବୀ ପ୍ରକାଶ ତଥା ଆତ୍ମାକୁ ସମର୍ଥ – ସମୁନ୍ନତ କରିବାର ବିଧାନ କୁହାଯାଏ ତଥା ଏହା ଦ୍ୱାରା ମହାନ୍ ସୌଭାଗ୍ୟର ବିଷୟ କ୍ରମ ସାଥ୍ ହୋଇଥାଏ, ଯାହାକୁ ବ୍ୟକ୍ତିତ୍ୱର ପ୍ରୟୋଗଶାଳାରେ ପରଖୁ ଓ ବିଶୁଦ୍ଧ କରିବା ଉଚିତ । ଯେତେବେଳେ ଆମ ଭିତରେ ଆତ୍ମା ପ୍ରତି ଲାଳସା ଏବଂ ଉତ୍କୃଷ୍ଟତା ପାଇଁ ସର୍ବତୋ ଭାବରେ ସମର୍ପିତ ହେବାର ପୁରୁଷାର୍ଥ ଜାଗ୍ରତ ହୋଇଯାଏ, ସେତେବେଳେ ଆମ ମନର ବିକାର ସ୍ୱତଃ ତିରୋହିତ ହୋଇଯାଏ । ଏହାକୁ ହିଁ ନିଜ ଜୀବନ ଉପରେ ବାସ୍ତବିକ ଅଧିକାର କୁହାଯାଏ ତଥା ନିଜ ମନର ନିୟମନ ଦ୍ୱାରା ତଥା ତାକୁ ଜୀବନର ନବ ରୂପାନ୍ତରଣରେ ସହାୟକ ଉତ୍କୃଷ୍ଟ କ୍ରିୟାପ୍ରଣାଳୀ ପ୍ରଦାନ କରିବା ଦ୍ୱାରା ଏହା ପ୍ରାପ୍ତ ହୋଇଥାଏ । ସୂଚୀବଦ୍ଧ କରିବା, ସେଥିରେ ମହାନତା ଓ ଅନୁକମ୍ପାର ଗୁଣ ବିକଶିତ କରିବା ତଥା ଏକ ଉଦାର ଜୀବନଦୃଷ୍ଟି ଆପଣାଇ ତାକୁ ସୁବିକଶିତ କରିବାର କାର୍ଯ୍ୟକ୍ରମ ଗ୍ରହଣ କରିବା ଆବଶ୍ୟକ । ଏଥିପାଇଁ ଦୃଢ଼ ଇଚ୍ଛାଶକ୍ତି ଓ ସମର୍ପଣ-ନିଷ୍ଠାର ଭାବ ଆବଶ୍ୟକ, ଯାହା ଆମକୁ ଆମ କର୍ମର ବାସ୍ତବିକ ପକ୍ଷ ଆତ୍ମବିଚାର ଓ ଆତ୍ମାର ହିତ ନିମନ୍ତେ କାର୍ଯ୍ୟ କରିବାର ଦୃଢ଼ ପ୍ରେରଣା ସହିତ ଯୋଡ଼ି ପାରିବ । ଏହାକୁ ହିଁ ବ୍ୟକ୍ତିତ୍ୱ ଉପରେ ଅଧିକାର ଏବଂ ଜୀବନର ଗୁଣବତ୍ତା ସୁଧାରିବାର ଉପକ୍ରମ କୁହାଯିବ ।

# ଗଳା ସଂକ୍ରମଣରୁ ରକ୍ଷାକରେ ଗୁଜୁରାତି

ଋତୁ ପରିବର୍ତ୍ତନ ଅନୁସାରେ ବିଭିନ୍ନ ପ୍ରକାର ଶାରୀରିକ ସଂକ୍ରମଣ ଦେଖାଦିଏ । ଶୀତ ଋତୁରେ ବିଶେଷକରି ଗଳା ସଂକ୍ରମଣ ଅଧିକ ହୁଏ । କେତେବେଳେ ଅତ୍ୟଧିକ ଥଣ୍ଡା ଯୋଗୁଁ ଗଳା ବସିଯାଏ ତ କେତେବେଳେ ଗଳା ଭିତରେ କୁଣ୍ଡାଇହୁଏ । ଏଭଳି ସମସ୍ୟାରୁ ରକ୍ଷା ପାଇବାକୁ ଚାହୁଁଥିଲେ ଗୁଜୁରାତି ବେଶ୍ ଲାଭପ୍ରଦ । ପ୍ରତିଦିନ ସକାଳ ଓ ରାତିରେ ୨ଟି ଛୋଟ ଗୁଜୁରାତିକୁ ଭଲଭାବେ ଚୋବାଇ ଖାଇବା



ପରେ ଉଷୁମ ପାଣି ପିଇଦେଲେ ଆରାମ ମିଳିଥାଏ । ଯଦି ସଂକ୍ରମଣ କାରଣରୁ ଗଳା ନାଳି ପଡିଥାଏ କିମ୍ବା ଲାଲ ଦାନା ସଦୃଶ ଫଂଳିଯାଏ, ତେବେ ମୂଳା ରସରେ ଗୁଜୁରାତି ଗୁଣ୍ଡ ମିଶାଇ ସେବନ କରନ୍ତୁ । ଏହାଦ୍ୱାରା ସଂକ୍ରମଣ ଧୀରେ ଧୀରେ ଭଲ ହୋଇଯିବ । ଅନେକ ସମୟରେ କାଶ ଦୀର୍ଘଦିନ ପର୍ଯ୍ୟନ୍ତ ଲାଗିରହେ । ଏଥିରୁ ଆରାମ ପାଇବାକୁ ହେଲେ ଗୁଜୁରାତି, ଅଦା, ଲବଙ୍ଗ ଏବଂ ତୁଳସୀ ପତ୍ରକୁ ମିଶାଇ ଚୋବାନ୍ତୁ । ଭଲ ଲାଗିବ ।

## ଟିକିଏ ହସନ୍ତୁ

**ଗୋପାଳ ନିଜ ବସ୍‌ଙ୍କୁ ଏସ୍‌ଏମ୍‌ଏସ୍ କରି :** ସାର୍ ମୋ ମୁଣ୍ଡ ପ୍ରବଳ ବିନ୍ଧୁଛି । ଆଜି ମୁଁ ଅଫିସ୍ ଯାଇପାରିବିନି ।

**ବସ୍ :** ମୋର ଯେତେବେଳେ ମୁଣ୍ଡ ବିନ୍ଧେ ମୁଁ ମୋ ସ୍ତ୍ରୀକୁ କିସ୍ କରେ । ଆଉ ମୁଣ୍ଡ ବିନ୍ଧା କୁଆଡେ ଉଡେଇ ଯାଏ । ତୁମେ ବି ସେମିତି କରୁନ । କିଛି ସମୟ ପରେ ଗୋପାଳ ବସ୍‌ଙ୍କୁ **ଏସ୍‌ଏମ୍‌ଏସ୍ କରି :** ସାର୍, ମୁଁ ଅଫିସ୍‌କୁ ଆସୁଛି । ମୁଣ୍ଡ ବିନ୍ଧା ପୂରା ଭଲ ହେଇଗଲା । ସତରେ ଆପଣଙ୍କ ସ୍ତ୍ରୀଙ୍କ କିସ୍‌ରେ ଅଦ୍ଭୁତ ଜାଦୁ ଅଛି... ।

× × × ×

**ରାଜୁ ଝିଅର ବାପା ପାଖକୁ ଯାଇ :** ମୁଁ ଆପଣଙ୍କ ଝିଅକୁ ବହୁତ ଭଲ ପାଉଛି । ତାକୁ ବାହା ହେବାକୁ ଚାହୁଁଛି ।

**ଝିଅର ବାପା :** ତୁ ପୁଣି ମୋ ଝିଅକୁ ବାହା ହେବୁ । ଆରେ ତୋ ରୋଜଗାର ଯେତିକି ସେତିକିରେ ପରା ତୁ ମୋ ଝିଅକୁ ଟୟଲେଟ୍ ପେପର୍ ଯୋଗେଇ ପାରିବୁନି ।

**ରାଜୁ :** ଇସ୍.... । ଆପଣଙ୍କ ଝିଅ ଏତେ ହଗୁରୀ । ଏତେ ଥର ଝାଡା ଯାଉଛି ।

ଥାଉ ବାବା ମୋର ତମ ଝିଅକୁ ବାହା ହେବାର ନାହିଁ ।

× × × ×



**ରୂପାକୁ :** ଆଜି ମୁଁ ଆମ ପଡୋଶୀ ଆଣ୍ଟିଙ୍କୁ ପାନେ ଦେଇଛି ।

**ରୂପା :** କଥାଟା କ'ଣ ମତେ ଭଲରେ କହିଲୁ ।

**ମୀନା :** ସାଇପଡ଼ିଶାରେ ଯାହାର ବି ବାହାଘର ହୁଏ ସବୁବେଳେ ସେ ମୋ ଗାଲ ଚିପି କହନ୍ତି, 'ଏବେ ତୋ ପାଳି ଆସୁଛି ।' ମତେ ଭାରି ରାଗଲାଗେ ।

**ରୂପା :** ଓ, ତେବେ ତୁ ତାଙ୍କୁ ପାନେ କେମିତି ଚଖେଇଲୁ ?

**ମୀନା :** କାଲି ଆମ ସାହିର ଜଣେ ମହିଳାଙ୍କ ମୃତ୍ୟୁ ହୋଇଗଲା । ମୁଁ ଆଣ୍ଟିଙ୍କ ପାଖକୁ ଯାଇ ତାଙ୍କ ହାତକୁ ଧରି ଭାରି ମନ ଦୁଃଖରେ କହିଲି– 'ଯ୍ୟା ପରେ ବୋଧେ ଆପଣଙ୍କ ପାଳି ଆସିବ ।'

× × × ×

ରୋଗୀ ଡାକ୍ତରଙ୍କୁ: ବହୁତ ଦୁର୍ବଳ ଲାଗୁଛି ।

ଡାକ୍ତର : ଚୋପା ଲାଗିଥିବା ଫଳ ଖାଅ ।

ରୋଗୀ କିଛି ଘଣ୍ଟା ପରେ : ଡାକ୍ତର ବାବୁ ପେଟ ବହୁତ କାଟୁଛି ।

ଡାକ୍ତର : କ'ଣ ଖାଇଲ କି ?

**ରୋଗୀ :** ଆପଣ ଯେମିତି କହିଲେ ସେମିତି ଖାଇଲି ।

ଡାକ୍ତର : କ'ଣ କ'ଣ ଖାଇଲ କହୁନ ।

**ରୋଗୀ :** ଚୋପା ଲଗା ଆପଲ୍, ଚୋପା ଲଗା କଦଳୀ, ଚୋପା ଲାଗିଥିବା କମଳା, ଚୋପା ଲାଗିଥିବା ନଡିଆ ଇତ୍ୟାଦି ।

ଡାକ୍ତର : କ'ଣ ଚୋପା ଲଗା ନଡ଼ିଆ ବି ଖାଇଲ !

× × × ×

ପିଲାଟିଏ ପୋଲିସ୍ ଷ୍ଟେସନ୍ ସାମ୍ନା ରୋଡରେ ଝାଡା ବସିଥାଏ । ଏହା ଦେଖି ପୋଲିସ ତାକୁ ଟେକି କି ପୋଲିସ୍ ଷ୍ଟେସନ୍ ନେଉଥାନ୍ତି । ଏତିକିବେଳେ ପିଲାଟି କହିଲା : କାନୁନ୍ ରକ୍ଷକ ଅପରାଧୀକୁ ତ ନେଉଛନ୍ତି । ପ୍ରମାଣ ବି ସାଙ୍ଗରେ ନିଅନ୍ତୁ ।

× × × ×

ଶିକ୍ଷକ ପିଲାଙ୍କୁ ହୋମୱାର୍କ ଦେଇଥାନ୍ତି ।

**ପରଦିନ ଶିକ୍ଷକ :** ଯେଉଁମାନେ ହୋମ୍‌ୱାର୍କ କରିନ ଆଜି ତାଙ୍କ ଅବସ୍ଥା ଖରାପ କରିଦେବି । ହାତ ଟେକ କିଏ କିଏ କରିନ ।

**ମଣ୍ଟୁ ହାତ ଟେକିବା ପରେ ଶିକ୍ଷକ :** ତୁ କରିନୁ ? ହେଲେ କାହିଁକି ?

**ମଣ୍ଟୁ :** ସାର୍ ଆପଣ ହୋମୱାର୍କ ଦେଇଥିଲେ । ହେଲେ ମୁଁ ତ ହଷ୍ଟେଲରେ ରହୁଛି । ହୋମୱାର୍କ କେମିତି କରିବି ? ମତେ ହଷ୍ଟେଲ ୱାର୍କ ଦେବା କଥା ନା ।

# ଟମାଟୋର ଉପକାରିତା

**ଟ**ମାଟୋ ଦେଖିବାକୁ ଯେତିକି ସୁନ୍ଦର । ଠିକ୍ ସେତିକି ଭୋଜନର ସ୍ୱାଦ ମଧ ବଢ଼ାଇଥାଏ । ତରକାରୀ ଠାରୁ ଆରମ୍ଭ କରି ସାଲାଡ ପର୍ଯ୍ୟନ୍ତ ଟମାଟୋକୁ ବ୍ୟବହାର କରାଯାଏ । କେବଳ ଟମାଟୋ ଖାଦ୍ୟର ସ୍ୱାଦ ବଢ଼ାଇଥାଏ ତାହା ନୁହେଁ ସ୍ୱାସ୍ଥ୍ୟ ଓ ସୁନ୍ଦରତା ପାଇଁ ମଧ ଏହା ଉପଯୋଗ କରାଯାଏ । ଟମାଟୋରେ ପ୍ରଚୁର ପରିମାଣର ଭିଟାମିନ୍ ଥିବାରୁ ଏହା ବହୁ ରୋଗ ପାଇଁ ଫଳପ୍ରଦ ।

**ଭିଟାମିନ୍ ଅଧିକ :** ଟମାଟୋରେ ଭିଟାମିନ୍ ସି, ଲାଇକୋପିନ୍, ଭିଟାମିନ୍, ପୋଟାସିୟମ୍ ପର୍ଯ୍ୟାପ୍ତ ମାତ୍ରାରେ ମିଳିଥାଏ । ଏଥିସହିତ କୋଲେଷ୍ଟ୍ରଲକୁ କମ୍ କରିବାର ତତ୍ତ୍ୱ ମଧ ପର୍ଯ୍ୟାପ୍ତ ପରିମାଣରେ ରହିଛି ।

**ଓଜନ କମ୍ କରେ :** ମୋଟା ଲୋକଙ୍କ ଓଜନ କମ୍ କରିବା ପାଇଁ ଏହା ଖୁବ୍ ଲାଭଦାୟକ । ରାନ୍ଧିବା ପରେ ମଧ ଏଥିରେ ପୋଷକ ତତ୍ତ୍ୱ ଭରି ରହିଥାଏ ।

**କ୍ୟାନସର ସହିତ ଲଢ଼େଇ :** ଲଣ୍ଡନ ୟୁନିଭର୍ସିଟି ଅଧ୍ୟୟନ ଅନୁସାରେ ଟମାଟୋରେ ଲାଇକୋପିନ୍ ନାମକ ପୌଷ୍ଟିକ ତତ୍ତ୍ୱ ରହିଥାଏ, ଯାହାକି ପ୍ରୋଟିନ୍ କ୍ୟାନସରର କୋଷିକାକୁ ନଷ୍ଟ କରି ଦେଇଥାଏ । ଲାଇକୋପିନ୍ ଅନ୍ୟ ବହୁ ପ୍ରକାରର କ୍ୟାନସରକୁ ରୋକିବାରେ ସହାୟକ ହୋଇଥାଏ ।

**ଭୋକ ବଢ଼ାଏ :** ଟମାଟୋ ଖାଇବା ଫଳରେ ରୋଗ ପ୍ରତିରୋଧକ କ୍ଷମତା ମଜଭୁତ ହୋଇଥାଏ । ପେଟ ସଫା ରହିବା ଓ ଭୋକ ବଢ଼ିଥାଏ । ଏହା ବ୍ୟତୀତ ଟମାଟୋ ପାଚନ ଶକ୍ତିକୁ ବଢ଼ାଇଥାଏ ଓ ପେଟ ସମ୍ବନ୍ଧିତ ଅନେକ ସମସ୍ୟା ଦୂର କରିଥାଏ ।

**ସୁସ୍ଥ ତ୍ୱଚା :** ଟମାଟୋ ଖାଇବା ଫଳରେ ତ୍ୱଚା ସୁନ୍ଦର ହୋଇଥାଏ । ଟମାଟୋରେ ଥିବା ଲାଇକୋପିନ୍ ତ୍ୱଚାକୁ ଅତିବାଇଗଣୀ ରଶ୍ମିରୁ ରକ୍ଷାକରିଥାଏ ।

**ଅସ୍ଥି ମଜଭୁତ :** ଟମାଟୋରେ ଥିବା ଭିଟାମିନ୍ କେ' ଓ କ୍ୟାଲସିୟମ ଅସ୍ଥିକୁ



ମଜବୁତ କରିଥାଏ ଓ ଅଷ୍ଟିଓପୋରୋସିସ୍ ପାଇଁ ଖୁବ୍ ଫଳପ୍ରଦ ।

**କୃମି :** ପିଲାଙ୍କ ପେଟରେ ରହିଥିବା କୃମି ହୋଇଥିଲେ ପ୍ରତିଦିନ ସକାଳୁ ଖାଲିପେଟରେ ପିଲାଙ୍କୁ ଚିମୁଟାଏ ହେଙ୍ଗୁ ସହିତ ଟମାଟୋ ଜୁସ୍ ପିଇବାକୁ ଦେଲେ କୃମି ନଷ୍ଟ ହୋଇ ଯାଇଥାଏ । ଏଥି ସହିତ କଞ୍ଚା ଟମାଟୋକୁ ସୈନ୍ଧବ ଲବଣ ସହିତ ଖାଇଲେ ଉପକାର ହୋଇଥାଏ ।

**ମଧୁମେହ ଲାଗି ହିତକର :** ମଧୁମେହ ରୋଗୀଙ୍କ ପାଇଁ ଟମାଟୋ ଖୁବ୍ ଲାଭଦାୟକ । ଟମାଟୋ ବ୍ଲଡ ସୁଗାରକୁ ନିୟନ୍ତ୍ରିତ ରଖିବାରେ ସହାୟକ ହୋଇଥାଏ । ପ୍ରତିଦିନ ଗୋଟିଏ କାକୁଡି ସହିତ ଗୋଟିଏ ଟମାଟୋ ଖାଇବା ଫଳରେ ମଧୁମେହ ରୋଗୀଙ୍କୁ ଲାଭ ମିଳିଥାଏ ।

**ମାଂସପେଶୀ ଯନ୍ତ୍ରଣା :** ମାଂସପେଶୀ ଯନ୍ତ୍ରଣା ରହିଛି ତେବେ ଟମାଟୋ ନିଶ୍ଚୟ ଖାଆନ୍ତୁ । ଏକ ଗ୍ଲାସ ଟମାଟୋ ରସକୁ ସୁଣ୍ଠି ପକାଇ ଜୁଆଣି ସହିତ ସକାଳ ସନ୍ଧ୍ୟାରେ ପିଅନ୍ତୁ । ମାଂସପେଶୀ ଯନ୍ତ୍ରଣା ଦୂରହେବ ।

ଦୃଷ୍ଟିଶକ୍ତି ବୃଦ୍ଧି କରେ : ଏଥିରେ ଗଚ୍ଛିତ ଥିବା ଭିଟାମିନ୍ କ, ଆଖି ପାଇଁ ଫଳପ୍ରଦ । ଏହା ଦୃଷ୍ଟିଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ ।

# ହାର୍ଟ ପାଇଁ ଭଲ ସୋରିଷ ତେଲ

**ସୋ**ରିଷ ତେଲରେ ୬୦ ପ୍ରତିଶତ ମନୋ ଅନସାଚ୍ୟୁରେଟେଡ୍ ଫ୍ୟାଟି ଏସିଡ୍ ରହିଥାଏ, ୨୧ ପ୍ରତିଶତ ପଲିଅନସାଚ୍ୟୁରେଟେଡ୍ ଫ୍ୟାଟ୍ (ପିୟୁଏଫଏ) ଓ ୧୨ ପ୍ରତିଶତ ସେଷ୍ଟ ସାଚ୍ୟୁରେଟେଟ୍ ଫ୍ୟାଟ୍ ରହିଥାଏ । ମ୍ୟୁଫା ଓ ମ୍ୟୁଫାକୁ ଭଲ ଚର୍ବି ବୋଲି କୁହାଯାଇଛି ଯାହା ହାର୍ଟ ଓ ସ୍ୱାସ୍ଥ୍ୟକୁ ସୁରକ୍ଷା କରିଥାଏ । ଖରାପ କୋଲେଷ୍ଟୋରେଲକୁ କମାଇଥାଏ । ଭଲ କୋଲେଷ୍ଟୋରେଲ ସ୍ତର ବୃଦ୍ଧି କରିଥାଏ । ଏଥିରେ ଦୁଇ ଜରୁରୀ ଫ୍ୟାଟି ଏସିଡ୍ ଓମେଗା



୩ (ଏନ୍-୩) ୬ ପ୍ରତିଶତ ଏବଂ ଓମେଗା ୬ (ଏନ୍ ୬) ୧୫% ରହିଥାଏ । ଯାହା ହୃଦୟକୁ ବହୁ ଲାଭ ପହଞ୍ଚାଇଥାଏ । ଏହା କୋଲେଷ୍ଟ୍ରୋରେଲ ସ୍ତରକୁ ସନ୍ତୁଳନ କରିଥାଏ । ଏହା ରକ୍ତରେ ଚର୍ବି ସ୍ତର କମାଇ ହୃଦୟକୁ ସୁରକ୍ଷିତ ରଖିଥାଏ । କୋଲେଷ୍ଟୋରେଲ ଓ ଟ୍ରାନ୍ସଫ୍ୟାଟ୍ ନ ଥିବା ତେଲ ତଥା ସାଚ୍ୟୁରେଟେଡ ଫ୍ୟାଟ୍ କମ୍ ଓ ମୋନୋସାଚ୍ୟୁରେଟେଡ୍, ପଲି ଅନସାଚ୍ୟୁରେଟେଡ ଫ୍ୟାଟଅଧିକ ଥିବା ତେଲ ହୃଦୟ ପାଇଁ ଭଲ । ଏଥି ସହିତ ଏଥିରେ ଏନ୍ ୩ ଓ ଏନ୍- ୬ ମାତ୍ରା ମଧ ଆବଶ୍ୟକ ପରିମାଣରେ ରହିବା ଜରୁରୀ । ସୋରିଷ ତେଲରେ ଏହି ସବୁ ଗୁଣ ରହିଛି ବୋଲି କଲମ୍ବିଆ ଏସିଆ ହସ୍ପିଟାଲ ଗୁରୁଗାଓଁର ନ୍ୟୁଟ୍ରିସନିଷ୍ଟ ପରମିତ୍ କୌର କହିଛନ୍ତି । ଜର୍ଣ୍ଣାଲ ଅଫ୍ ପ୍ରିଭେଣ୍ଟିଭ୍ କାର୍ଡିଓଲୋଜିରେ ପ୍ରକାଶ ପାଇଥିବା ଏକ ରିସର୍ଚ୍ଚ ଅନୁଯାୟୀ ସୋରିଷ ତେଲରେ ରାନ୍ଧିଲେ ହୃଦ୍‌ରୋଗ ଯେପରିକି କରୋନାରୀ ଆର୍ଟେରୀ ଡିଜିଜ୍ ୭୦ ପ୍ରତିଶତ କମ୍ ହୋଇଥାଏ । ଏହା ରକ୍ତ ସଞ୍ଚାଳନରେ ସାହାଯ୍ୟ କରିବା ସହ ହାଇପରଟେନସନ୍‌ରୁ ଶରୀରକୁ ରକ୍ଷା କରିଥାଏ । ରିଫାଇନ୍ ତେଲରେ ବିଭିନ୍ନ ପ୍ରକାର ରାସାୟନିକ ରହିଥିବାରୁ ଏହା କ୍ୟାନସର, ଡାଇବେଟିସ୍, ହୃଦରୋଗ ଓ କିଡନୀ ନଷ୍ଟ ଆଦି କରିବାର ଆଶଙ୍କା ଥାଏ । ସୋରିଷ ତେଲ କଚ୍ଚି ଘନି ପ୍ରକ୍ରିୟାରେ ଅନରିଫାଇନ୍ ଭାବେ ହେଉଥିବାରୁ ଏଥିରେ ଆବଶ୍ୟକୀୟ ଫ୍ୟାଟି ଏସିଡ୍ ସୁରକ୍ଷିତ ରହିଥାଏ । ସୋରିଷ ତେଲରେ ଭିଟାମିନ୍ ଇ, ଏ, ଆଇରନ୍, କ୍ୟାଲସିୟମ୍ ଓ ମ୍ୟାଗ୍ନେସିୟମ ଆଦି ରହିଥାଏ ଯାହା ଚର୍ମ ଓ କେଶର ସୁରକ୍ଷାରେ ସହାୟକ ହୋଇଥାଏ ।

# ପୁଦିନା ପତ୍ରର ଫାଇଦା

**ଖା**ଦ୍ୟର ସ୍ୱାଦ ବଢ଼ାଇଥାଏ ପୁଦିନା ପତ୍ର । ସ୍ୱାସ୍ଥ୍ୟପାଇଁ ଏହା ବେଶ ଫଳପ୍ରଦ । ଏଥିରେ ଥିବା ଭିଟାମିନ୍ 'ଏ' ନାନା ରୋଗରୁ ଶରୀରକୁ ରକ୍ଷା କରିଥାଏ । ଶୁଖା ପୁଦିନା ପତ୍ରକୁ ଗୁଣ୍ଡ କରି ଦାନ୍ତ ମୂଳରେ ଦେଲେ ବିନ୍ଧା ଉପଶମ ହେବା ସହିତ ପାଟିରୁ ଦୁର୍ଗନ୍ଧ ଦୂର ହୋଇଥାଏ । ପୁଦିନାକୁ ଗୁଣ୍ଡ କରି ମୁହଁରେ ଲଗାନ୍ତୁ । କିଛି ସମୟ ରଖିବା ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ଯଦ୍ୱାରା ଚେହେରା ଉଜ୍ୱଳ ହେବା ସହିତ ବ୍ରଣ ମଧ ହୋଇ ନଥାଏ ।

# ଏସିଡିଟିରୁ ମୁକ୍ତିଦିଏ କଳାଜିରା

**କ**ଳାଜିରାରେ ବହୁ ଗୁଣ ରହିଛି, ଯାହାକୁ ବ୍ୟବହାର କରିବା ଫଳରେ ବହୁ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ମିଳିଥାଏ । ଏହା ଖାଦ୍ୟରେ ସ୍ୱାଦ ବୃଦ୍ଧି କରିବା ସହ ଆୟୁର୍ବେଦିକ ଔଷଧଭାବେ ବିଭିନ୍ନ ପ୍ରକାରରେ ବ୍ୟବହାର କରାଯାଏ । କଳାଜିରାରେ ଆଇରନ, ସୋଡିୟମ, କ୍ୟାଲସିୟମ, ପୋଟାସିୟମ ଓ ଫାଇବର ତତ୍ତ୍ୱ ରହିଛି । ଏଥିରେ



ଏମିନୋ ଏସିଡ ଓ ପ୍ରୋଟିନ ଭରପୁର ରହିଛି । ଏହି କାରଣରୁ ଆୟୁର୍ବେଦରେ ଏହାକୁ ବ୍ୟବହାର କରାଯାଇଥାଏ । ସକାଳୁ ଉଠି ଖାଲି ପେଟରେ କଳାଜିରା ଖାଇଲେ ଡାଇବେଟିସ୍ ଓ ଏସିଡିଟି ସମସ୍ୟାରୁ ମୁକ୍ତି ମିଳିଥାଏ । କଳାଜିରାକୁ ବାଟି ମୁହଁରେ ଲଗାଇଲେ ବ୍ରଣ ସମସ୍ୟାରୁ ମଧ ମୁକ୍ତି ମିଳିଥାଏ । କଳାଜିରା ଖାଇବା ଫଳରେ ଧିଶକ୍ତି ବୃଦ୍ଧି ପାଇଥାଏ । ଏହାଦ୍ୱାରା ଶ୍ୱାସ ଓ ମାଂସପେଶୀ ଯନ୍ତ୍ରଣାରୁ ମଧ ମୁକ୍ତି ଦେଇଥାଏ । କଳାଜିରାରେ ପର୍ଯ୍ୟାପ୍ତ ମାତ୍ରାରେ ଆଣ୍ଟି ଅକ୍ସିଡାଣ୍ଟ ଭରି ରହିଛି, ଯାହାକି ରୋଗରୁ ସୁରକ୍ଷା ପ୍ରଦାନ କରିବାରେ ସହାୟକ ହୋଇଥାଏ । ଯଦି ଆପଣଙ୍କର କଫ ସମସ୍ୟା ରହିଛି, ତେବେ କଳାଜିରାର ତେଲ ବ୍ୟବହାର କରିବା ଖୁବ୍ ଫଳପ୍ରଦ । ଏହା ମଧ ଶରୀରରୁ ବିଷାକ୍ତ ଉପାଦାନକୁ ସଫା କରିବା କାମ କରିଥାଏ । ସକାଳୁ ଖାଲି ପେଟରେ ଏହାକୁ ଖାଇବା ଫଳରେ ପେଟର ବିଭିନ୍ନ କ୍ଷତିକାରକ ତତ୍ତ୍ୱ ବାହାରି ଯାଇଥାଏ ।

କଳାଜିରା ତେଲରେ ଅଲିଭ ଅଏଲ ଓ ମେହନ୍ଦି ପାଉଡର ମିଶାଇ ହାଲକା ଗରମ କରନ୍ତୁ । ଏହି ମିଶ୍ରଣ ଥଣ୍ଡା ହୋଇଯିବା ପରେ ଏହାକୁ ଶିଶିରେ ବନ୍ଦ କରି ରଖି ଦିଅନ୍ତୁ । ଏହି ତେଲରେ ସପ୍ତାହକୁ ଦୁଇ ଥର ମସାଜ କରିବା ଫଳରେ ଚନ୍ଦାପଣ ସମସ୍ୟାରୁ ମୁକ୍ତି ମିଳିଥାଏ । କେଶରେ ୨୦ ମିନିଟ୍ ପର୍ଯ୍ୟନ୍ତ ଲେମ୍ବୁ ରସ ମସାଜ କରିବା ପରେ କେଶକୁ ଭଲ ଭାବରେ ସଫା କରି ଦିଅନ୍ତୁ । ଏହାପରେ କଳାଜିରା ତେଲକୁ ବ୍ୟବହାର କରି କେଶକୁ ଭଲ ଭାବରେ ମସାଜ କରନ୍ତୁ । ୧୫ ମିନିଟ୍ ପର୍ଯ୍ୟନ୍ତ କେଶକୁ ଖୋଲା ଛାଡି ଦିଅନ୍ତୁ । ଏହି ପ୍ରକ୍ରିୟା କରିବା ଫଳରେ କେଶ ଝଡିବା ସମସ୍ୟା ଦୂର ହୋଇଯାଇଥାଏ ।

# ଆପଣ ଜାଣନ୍ତି କି ?

- ବାଉଁଶ ଗଛ ସବୁଠୁ ଶୀଘ୍ର ବଢ଼ିଥାଏ । ବାଉଁଶ ଗଛର ଏମିତି କିଛି ପ୍ରଜାତି ରହିଛି ଯାହା ପ୍ରତି ଘଣ୍ଟାରେ ୧ ମିଟର ବୃଦ୍ଧି ପାଏ ।
- ଲିଓନାର୍ଡୋ ଡା ଭିନସିଙ୍କ ବହି କୋଡେକ୍ସ ଲିସେଷ୍ଟର ଦୁନିଆର ସବୁଠୁ ମହଙ୍ଗା ବହି । ଏହାକୁ ବିଲ ଗେଟ୍ସ ୧୯୯୪ ମସିହାରେ କିଣିଥିଲେ । ଏହାର ମୂଲ୍ୟ ୫୩,୩ ମିଲିୟନ ଡଲାର ।
- ଟ୍ରୁମ୍ୟାନ ସିଣ୍ଡ୍ରୋମ ଏକ ମାନସିକ ରୋଗ । ଏହି ରୋଗରେ ପ୍ରଭାବିତ ବ୍ୟକ୍ତି ଅନୁଭବ କରିଥାଏ ଯେ ସେ କୌଣସି ରିଆଲିଟି ଟିଭି ସୋ ଦୁନିଆରେ ବଞ୍ଚିଛି ।
- ସବୁ ପକ୍ଷୀ ଗଛଡାଳରେ ବସା ବାନ୍ଧନ୍ତି । ହେଲେ ସ୍ୟାଣ୍ଡପାଇପର ଏମିତି ଏକ ପକ୍ଷୀ ଯିଏ କେବେ ବି ଗଛରେ ବସେ ନାହିଁ ।



- ୧୫୫୬ ରେ ଏତେ ଭୟାନକ ଭୂମିକମ୍ପ ହୋଇଥିଲା ଯେଉଁଥିରେ ଚୀନର ୮,୩୦,୦୦୦ ଲୋକ ମୃତ୍ୟୁବରଣ କରିଥିଲେ ।
- ଅନ୍ୟ କାହାକୁ ପ୍ରମିଜ କରିବା ଏକ ପ୍ରକାର ପେନକିଲର, ଯେଉଁଥିରେ ଶରୀରରୁ ଏଣ୍ଡୋଫାଇନ୍ ହରମୋନ୍ ନିଃସୃତ ହୋଇଥାଏ ।
- ଝାଳରେ କୌଣସି ପ୍ରକାର ଗନ୍ଧ ନ ଥାଏ । ଗନ୍ଧ ସେତେବେଳେ ଆସେ ଯେତେବେଳେ ଝାଳ ଶରୀରରେ ଥିବା ବ୍ୟାକ୍ଟେରିଆ ସହିତ ମିଶେ ।

# କହିପାରିବେ କି ?

(୧) ବିଶ୍ୱ ବିଜେତା ସିକନ୍ଦର କେତେ ବର୍ଷ ବୟସରେ ସେରୋନିଆଁ ଯୁଦ୍ଧରେ ଜୟଲାଭ କରିଥିଲେ ?
(୨) କେଉଁଠାରେ ଧଳା ହାତୀ ଦେଖିବାକୁ ମିଳିଥାଏ ?
(୩) କଳା ହଂସକୁ କେଉଁଠାରେ ଦେଖିବାକୁ ମିଳିଥାଏ ?
(୪) ରବିବାର ଏକ ଛୁଟିଦିନ ରୂପେ କେବେ ସ୍ୱୀକୃତି ପାଇଥିଲ ?
(୫) ଉଡାଜାହାଜ, ରେଳଗାଡି, ବସରେ କାହା ପାଇଁ ଟିକେଟ ଲାଗେ ନାହିଁ ?
(୬) ଅଗ୍ନି ବର୍ଷା କରୁଥିବା ବୃକ୍ଷ କେଉଁଠାରେ ଅଛି ?
(୭) 'ବିଶ୍ୱ ହାସ୍ୟ ଦିବସ' କେବେ ପାଳନ କରାଯାଇଥାଏ ?
(୮) ଭିଟାମିନ୍ କିଏ ଆବିଷ୍କାର କରିଥିଲେ ?
(୯) ହିନ୍ଦୁ ଧର୍ମରେ ଅଗ୍ରପୂଜ୍ୟ କିଏ ?
(୧୦) ମଧ୍ୟମ ପାଣ୍ଡବ କାହାକୁ କୁହାଯାଏ ?

## JUMBLE WORDS

| | | | |
|---|---|---|---|
| 1) PLEEO | = | 6) WEKAA | = |
| 2) NHPUC | = | 7) LIFTLE | = |
| 3) PODYOR | = | 8) WCRUEF | = |
| 4) KMEERA | = | 9) INAPO | = |
| 5) KLUSL | = | 10) FTADR | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. ୩୨,୮୭,୨୬୭, ୨. ୧୬ ମଇ ୧୯୭୫, ୩. ଜନଗଣମନ, ୪. ମହାତ୍ମା ଗାନ୍ଧୀ, ୫.ଲତା ମଙ୍ଗେଶକର, ୬.ଇମେଲ, ୭.ଗୁରୁ ।ମଦାସ, ୮.କନ୍ୟାକୁମାରୀ, ୯. ୧୫ ସେପ୍ଟେମ୍ବର, ୧୯୫୯. ୧୦. ଆୟଲାସୋମାୟାଜୁଲା ଲଳିତା ।

***Jumble Words*** ର ଉତ୍ତର :-

(1) FUSSY (2) EVOKE (3) MULLET (4) HOTTER (5) PRESS (6) TRACK (7) SMOOTH (8) INVADE (9) ADAGE (10) SURLY

# ସୁପର ସ୍ପେସାଲିଟି ହସ୍ପିଟାଲ୍ ପ୍ରତିଶ୍ରୁତି ଗଲା କୁଆଡ଼େ ?

ସମ୍ବଲପୁର : ରାଜ୍ୟର ପ୍ରମୁଖ ଶିଳ୍ପାଚଳ ଭାବେ ପରିଗଣିତ ରେଙ୍ଗାଲି ବ୍ଲକ୍ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଛି । ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇଁ ରେଙ୍ଗାଲିବାସୀଙ୍କୁ ସମ୍ବଲପୁର, ବୁର୍ଲା କିମ୍ବା କଟକ ଦୌଡ଼ିବାକୁ ପଡୁଛି । ରେଙ୍ଗାଲି ବ୍ଲକ୍ ମୁଖ୍ୟାଳୟ ହୋଇଥିଲେ ସେଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏସି) ନାହିଁ ଅଞ୍ଚଳର ଅନ୍ୟତମ ପ୍ରମୁଖ ଜାଗା ଲଇଡ଼ା ଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି । ପୂର୍ବତନ ବିଧାୟକ ନାଉରୀ ନାୟକ ନିଜ କାର୍ଯ୍ୟକାଳ ସମୟରେ ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା ପାଇଁ ଉଦ୍ୟମ କରିଥିଲେହେଁ ବିରୋଧୀ ଦଳରେ ଥିବାରୁ ସେଦିଗରେ ତାଙ୍କୁ ସଫଳତା ମିଳିନଥିଲା । ରେଙ୍ଗାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ପାଇଁ ବିଧାନସଭା ଭିତରେ ଆଉ ବାହାରେ ବାରମ୍ବାର ଦାବି ଉପସ୍ଥାପନ କରିଥିଲେ । କିନ୍ତୁ, ତତ୍କାଳୀନ ବିଜେଡି ସରକାର ନା' ରେଙ୍ଗାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ କରିଥିଲେ ନା' ଲଇଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଖାଲି ଥିବା ଡାକ୍ତର ଓ କର୍ମଚାରୀ ପଦ ପୂରଣ କରାଯାଇଥିଲା । ନୂଆ ସରକାର ଆସିବା ପରେ ବି ସେହି ସମସ୍ୟା ଜାରି ରହିଛି । ଇଏସ୍ଆଇ ଡାକ୍ତରଖାନା ପାଇଁ ହୋଇଆସୁଥିବା ଦାବି ମଧ ଅଧୁରା ରହିଛି । ନାଉରୀ ନାୟକଙ୍କ କାର୍ଯ୍ୟକାଳ ପୂର୍ବରୁ ରେଙ୍ଗାଲି ଅଞ୍ଚଳରେ ସୁପର ସ୍ପେସାଲିଟି ଡାକ୍ତରଖାନା ସ୍ଥାପନ ନିମନ୍ତେ ହୋଇଥିବା ନିଷ୍ପତ୍ତି ଶିଳ୍ପାନୁଷ୍ଠାନଗୁଡ଼ିକର ଅସହଯୋଗ ଯୋଗୁ ସେ ଦିଗରେ ବି ଅଗ୍ରଗତି ଘଟିନାହିଁ ।

ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲାରେ ଏନ୍ଏଲ୍‌ସି ୨୭ ହଜାର କୋଟି ବିନିଯୋଗ ଯୋଜନା ସହିତ ୨୦୧୭ ମସିହାରେ ଓଡ଼ିଶାକୁ ଆସିଥିଲା । ଅକ୍ଟୋବର ୨୦୧୭ ମସିହାରେ ତତ୍କାଳୀନ ସମ୍ବଲପୁର ଆର୍‌ଡିସି ଡି.ଭି. ସ୍ୱାମୀଙ୍କ ଅଧକ୍ଷତାରେ ହୋଇଥିବା ବୈଠକରେ କଂପାନିର ସାମାଜିକ ସମୀକ୍ଷା ସର୍ଭେ ରିପୋର୍ଟକୁ ଅନୁମୋଦନ କରାଯାଇଥିଲା । ସମ୍ବଲପୁର ଜିଲ୍ଲାର ଖୁଣ୍ଡା, ତଲାବିରା, ଦନ୍ତାମୁରା ଏବଂ ଝାରସୁଗୁଡ଼ା ଜିଲ୍ଲାର ୩ଟି ଗାଁ ଏନ୍ଏସିର ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବାରୁ ଚଂଗାଲି ଠାରେ ଏକ ମଲ୍ଟି ସୁପର୍ ସ୍ପେସାଲିଟି ହସ୍ପିଟାଲ ସ୍ଥାପନ ପାଇଁ ଝାରସୁଗୁଡ଼ା ବିଧାୟକ ସ୍ୱର୍ଗତଃ ନବ ଦାସଙ୍କ ପ୍ରସ୍ତାବରେ କଂପାନି ସମ୍ମତି ଜଣାଇଥିଲା । ଏହି ପ୍ରକଳ୍ପ ପାଇଁ କଂପାନି ସିଂହଭାଗ ଦେବାକୁ ରାଜି ହୋଇଥିଲା । ଭୂଷଣ, ଆଦିତ୍ୟ ଆଲୁମିନିୟମ୍ ଆଦି କଂପାନି ବାକି ଅର୍ଥ ପ୍ରଦାନ କରିବାକୁ ବୈଠକରେ ସ୍ଥିର ହୋଇଥିଲା । ଗତ ଏପ୍ରିଲ ୨୦୧୮ ମସିହାରେ ଅନୁଷ୍ଠିତ ଆର୍‌ପିଡିଏସି ବୈଠକରେ ଏ ସଂକ୍ରାନ୍ତରେ ପୁଣି ବିସ୍ତୃତ ଭାବ ଆଲୋଚନା ହୋଇଥିଲା । ଏନ୍ଏଲ୍‌ସିକୁ ହସ୍ପିଟାଲ ସ୍ଥାପନା ସହ ଏସ୍ଇ ହସ୍ପିଟାଲ ପରିଚାଳନା ଦାୟିତ୍ୱ ମଧ ନେବାକୁ କୁହାଯାଇଥିଲା । ହସ୍‌ପିଟାଲ କୋଠା ନିର୍ମାଣ ପାଇଁ ଏନ୍ଏସି ନିଜ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ଖର୍ଚ୍ଚ ବହନ କରିବା ଏବଂ ଆବଶ୍ୟକ ପଡ଼ିଲେ କୋଠା ନିର୍ମାଣ ନିମନ୍ତେ ଅନ୍ୟ କଂପାନିର ସହାୟତା ମଧ ଲୋଡ଼ାଯିବାକୁ ଆର୍‌ପିଡିଏସି ବୈଠକରେ ସ୍ଥିର ହୋଇଥିଲା । ଇତିମଧରେ ୮ ବର୍ଷରୁ ଅଧିକ ସମୟ ବିତିଗଲାଣି । ହେଲେ, ଏନ୍ଏସି କିନ୍ତୁ ନିଜ ପ୍ରତିଶ୍ରୁତି ରକ୍ଷାନାହିଁ । ଅପରପକ୍ଷରେ ରେଙ୍ଗାଲି ବର୍ତ୍ତମାନର ବିଜେଡି ବିଧାୟକ ସୁଦର୍ଶନ ହରିପାଲ ଇଏସ୍ଇ ଡାକ୍ତରଖାନା ପାଇଁ ବାରଂବାର ଦାବି କରିଆସୁଥିବା ବେଳେ ଏ ଦିଗରେ ମଧ ସରକାରୀ ତତ୍ପରତା ଦେଖିବାକୁ ମିଳିନାହିଁ । ରେଙ୍ଗାଲି ଅଂଚଳରେ ଗଢ଼ି ଉଠିଥିବା ଛୋଟ ବଡ଼ ଶିଳ୍ପାନୁଷ୍ଠାନଗୁଡ଼ିକରେ ବହୁ ସଂଖ୍ୟାରେ ସ୍ଥାନୀୟ ତଥା ରାଜ୍ୟ ବାହାରର ଶ୍ରମିକ କାର୍ଯ୍ୟ କରୁଛନ୍ତି । କର୍ମଚାରୀମାନଙ୍କ ଠାରୁ ସ୍ୱାସ୍ଥ୍ୟସେବା ଯୋଗାଇବା ବାବଦକୁ ବୀମା କିସ୍ତି ଆକାରରେ କୋଟି କୋଟି ଟଙ୍କା ଆଦାୟ କରାଯାଉଛି । କିନ୍ତୁ, ପରିତାପର ବିଷୟ ଯେ ଅଂଚଳବାସୀଙ୍କ ଦ୍ୱାରା ବାରମ୍ବାର ଅନୁରୋଧ ଏବଂ ଦାବି କରାଯାଇଥିଲେ ମଧ ଏହି ଅଞ୍ଚଳରେ ସରକାରଙ୍କ ତରଫରୁ ଇଏସ୍ଇ ହସ୍ପିଟାଲ ପ୍ରତିଷ୍ଠା ହୋଇପାରିନାହିଁ । ପାଖରେ ଇଏସ୍ଇ ହସ୍ପିଟାଲ ନଥିବାରୁ କର୍ମଚାରୀମାନଙ୍କୁ ଦୂରଜାଗାକୁ ଯାଇ ଖର୍ଚ୍ଚାନ୍ତ ହେବାକୁ ପଡୁଛି ।

ଉଲ୍ଲେଖଯୋଗ୍ୟ ଯେ, ଶିଳ୍ପ ସ୍ଥାପନ ଯୋଗୁ ସ୍ଥାନୀୟ ଲୋକେ ଜମି ଓ ଜଂଗଲ ହରାଇଛନ୍ତି । ଧୂଳି ଆଉ ଧୂଆଁ ଖାଉଛନ୍ତି । ପ୍ରଦୂଷଣ ବୃଦ୍ଧି ଯୋଗୁ ସେମାନଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ଏହା ସତ୍ତ୍ୱେ ଲୋକଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ । ଜିଲ୍ଲା ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ବେଳେ ଏହାକୁ ନେଇ ଲୋକଙ୍କ ମଧରେ ଅସନ୍ତୋଷ ଜମାଟ ବାନ୍ଧିବାରେ ଲାଗିଛି ।

# ଭିକମପାଲିରେ ଗୁରୁ ପଦ୍ମସମ୍ଭବଙ୍କ ଜୟନ୍ତୀ ପାଳିତ

ଝାରସୁଗୁଡ଼ା : ଲଖନପୁର ବ୍ଲକର ଭିକମପାଲି ଠାରେ ଗୁରୁ ପଦ୍ମସମ୍ଭବଙ୍କ ଦ୍ୱି-ଦିବସୀୟ ଜୟନ୍ତୀ ସମାରୋହର ପ୍ରଥମ ଦିବସରେ ସଭାରେ ମୁଖ୍ୟ ଅତିଥି ରାଜସ୍ୱ ମନ୍ତ୍ରୀ ଗୁରୁ ପଦ୍ମସମ୍ଭବଙ୍କୁ ନେଇ ପ୍ରଦତ୍ତ ତଥ୍ୟ ପ୍ରମାଣ ଆଧାରରେ ଜନ୍ମମାଟି ପଦମପୁର ସଂଲଗ୍ନ ଭିକମପାଲି ଅଞ୍ଚଳରେ ବୌଦ୍ଧ ବିହାର ଠାରୁ ଆରମ୍ଭ କରି ଯେଉଁ ସବୁ ପ୍ରସ୍ତାବ ଦିଆଯାଇଛି ତାହାକୁ କାର୍ଯ୍ୟକାରୀ କରାଇବା ଦିଗରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସ୍ତରରେ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସମାରୋହ ଉଦଘାଟନ କରି ଜିରାଙ୍ଗରୁ ଆସିଥିବା ବୌଦ୍ଧ ଗୁରୁ ଗେଟ୍ସୁଲ ଜିଗ୍ମେ ରିମ୍ପୋଚେ କହିଥିଲେ ଓଡ଼ିଶାରେ ବୌଦ୍ଧ କୀର୍ତ୍ତିରାଜୀ ବହୁ ସ୍ଥାନରେ ଖନନରୁ ମିଳିବାରେ ଲାଗିଛି । ଆଗକୁ ଏ ଦିଗରେ ଅଧିକ ଗବେଷଣା ଆବଶ୍ୟକ । ଓଡ଼ିଶା ଆଗକୁ ତିବ୍ବତୀୟ ବୌଦ୍ଧ ଧର୍ମର ତୀର୍ଥ କ୍ଷେତ୍ର ହେଉ ବୋଲି ମତ ରଖିଥିଲେ । ସାଂସଦ ପ୍ରଦୀପ ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଗୁରୁ ପଦ୍ମସମ୍ଭବଙ୍କୁ କେନ୍ଦ୍ର କରି ପର୍ଯ୍ୟଟନର ବିକାଶ ସହ ଅଞ୍ଚଳର ଅର୍ଥନୈତିକ ସମୃଦ୍ଧି ଓ ସାଂସ୍କୃତିକ ଐତିହ୍ୟ, ପରମ୍ପରାର ସଂରକ୍ଷଣ ଓ ବିକାଶ ପ୍ରତି ସେ ସମସ୍ତ ପ୍ରକାର ପ୍ରୟାସ କରିବେ ବୋଲି କହିଥିଲେ । ପୂର୍ବତନ ବିଧାୟକ ତଥା ବରିଷ୍ଠ ସାମ୍ବାଦିକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଥିଲେ ଇତିହାସ ଗବେଷକ ପ୍ରବୀର ପଟ୍ଟନାୟକ ଗୁରୁ ପଦ୍ମସମ୍ଭବଙ୍କ ଜନ୍ମକୁ ନେଇ ଲାଗି ରହିଥିବା ବିବାଦରେ ପୂର୍ଣ୍ଣଛେଦ ଟାଣି ଦେଇଛନ୍ତି । ଏ ଅବସରରେ ଅତିଥିଙ୍କ ଦ୍ୱାରା ସ୍ମରଣିକା 'ପଦ୍ମକଳ୍ପ' ଉନ୍ମୋଚିତ ହୋଇଥିଲା । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଏବଂ ଯୋଗଦାନ ପାଇଁ ଛତିଶଗଡ଼ରେ ଓଡ଼ିଆ ଭାଷାର ସଂରକ୍ଷକ କ୍ଷମାସାଗର ଭୋଇ, ନାଟ୍ୟକାର ଓ ନିର୍ଦ୍ଦେଶକ ସୁବାସ ପ୍ରଧାନ ଏବଂ ସଂଗୀତ ସାଧକ ସୁରଙ୍ଗ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ତିନୋଟି ପର୍ଯ୍ୟାୟରେ ଅନୁଷ୍ଠିତ ସଭାରେ ସୁବ୍ରତ ପୃଷ୍ଟି, ଜେଏସ୍‌ଡବ୍ଲୁ ଇଣ୍ଡ ବରାଥ ସାହାଜବାହାଲ ପ୍ରକଳ୍ପ ମୁଖ୍ୟ ଆଶିଷ ପାଢ଼ୀ, ଜିନ୍ଦଲର ବରିଷ୍ଠ ଅଧିକାରୀ ପ୍ରତାପ ରାଉତ, ମୀନା ମହାରଣା, ଡ. ସ୍ୱର୍ଣ୍ଣମୟୀ ପୁରୋହିତ, ମନ୍ଦାକିନୀ ଶତପଥୀ, ପ୍ରାଧାପକ ତପନ ବାରିକ, ଶୁଭମ ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ମେହବୁବ ମାହତାବ, ଜ୍ଞାନବ୍ରତ ଭୋଇ, ଝରଣା ନନ୍ଦ, ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ, ଅଞ୍ଜଳୀ ପଟ୍ଟନାୟକ ପ୍ରମୁଖ ସଂଯୋଜନା କରିଥିଲେ । ମହିମା ସାଂସ୍କୃତିକ ପରିଷଦ ପକ୍ଷରୁ ସୁରଙ୍ଗ ପ୍ରଧାନ ଏବଂ ଦଳ ସଂଗୀତ ପରିବେଷଣ କରିଥିଲେ । ସକାଳେ ଗୁରୁ ପଦ୍ମସମ୍ଭବ, ପ୍ରଭୁ ଜଗନ୍ନାଥ ଏବଂ ବୁଦ୍ଧଙ୍କ ପ୍ରତିମୂର୍ତ୍ତିର ପୂଜାର୍ଚ୍ଚନା କରାଯାଇଥିଲା । ବିଭିନ୍ନ ଅଧିବେଶନରେ ପ୍ରଫେସର ଟହଲୁ ସାହୁ, ଦୟାକର ପଧାନ ଏବଂ ନରେନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ । ରମଣୀ ରଞ୍ଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଝାରସୁଗୁଡ଼ାରେ ଉଦ୍ଧାର ମୋବାଇଲ ହସ୍ତାନ୍ତର ମେଳା

ଝାରସୁଗୁଡ଼ା : ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ଉଦ୍ଧାର ମୋବାଇଲ ହସ୍ତାନ୍ତର ମେଳା ଅନୁଷ୍ଠିତ ହୋଇଛି । ଏମସିଏଲ ଅଡିଟୋରିଅମ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଯୋଗଦେଇ ଉଦ୍ଧାର ମୋବାଇଲ ହସ୍ତାନ୍ତର କରିବା ସହ ଜିଲ୍ଲା ପୁଲିସ୍ ପ୍ରଶାସନର ପଦକ୍ଷେପକୁ ପ୍ରଶଂସା କରିଥିଲେ । ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାର ଜିଲ୍ଲାରେ ଦିନକୁ ଦିନ ମୋବାଇଲ ଚୋରି ଘଟଣା ବୃଦ୍ଧି ପାଉଥିବାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ଗତ ୮ ମାସରେ ବିଭିନ୍ନ ଥାନାରେ ମୋବାଇଲ ଚୋରି ମାମଲାର ଲିଷ୍ଟ ପ୍ରସ୍ତୁତ କରିବା ସହ ସମସ୍ତ ମୋବାଇଲ ଗୁଡ଼ିକୁ ଉଦ୍ଧାର କରିବା ପାଇଁ ଆରକ୍ଷୀ ଅଧୀକ୍ଷକ ପରମାର ବରିଷ୍ଠ ପୁଲିସ୍ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ ପରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରୁ ୨୩୮ଟି ମୋବାଇଲ ଉଦ୍ଧାର ହୋଇଥିଲା । ଉଦ୍ଧାର ମୋବାଇଲ ଗୁଡ଼ିକୁ ମୋବାଇଲ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି । ଜିଲ୍ଲା ବାହାର ଓ ରାଜ୍ୟ ବାହାର କେତେକ ମୋବାଇଲ ମାଲିକ କୌଣସି କାରଣ ବଶତଃ ଆସି ନ ଥିବା ବେଳେ ଡାକ ମାଧମରେ ପଠାଇବାର ବ୍ୟବସ୍ଥା କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ ପରମାର କହିଥିଲେ । ଆଗାମୀ ଦିନରେ କାହାରି ମୋବାଇଲ ଚୋରି ଅବା ହଜିଗଲେ ସାଇବର କ୍ରାଇମ୍ ପୋର୍ଟାଲ ଅବା ଜିଲ୍ଲା ସାଇବର ସେଲଙ୍କୁ ଯୋଗାଯୋଗ କରିବାକୁ ଆରକ୍ଷୀ ଅଧୀକ୍ଷକ ପରମାର ପରାମର୍ଶ ଦେଇଛନ୍ତି । ଝାରସୁଗୁଡ଼ା ଏସଡିପିଓ ଉମା ଶଙ୍କର ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ଥାନାର ଥାନାଧିକାରୀଙ୍କ ସହ ବହୁ ପୁଲିସ୍ ଅଧିକାରୀ ସହଯୋଗ କରିଥିଲେ ।

# ବିଜୁ ଏକ୍ସପ୍ରେସ୍ ୱେ'ରେ ଟ୍ରକ୍ ଟର୍ମିନାଲ କେବେ ?

ସମ୍ବଲପୁର : ରାଜପଥ ଉପରେ ବେଆଇନ ଗାଡ଼ି ପାର୍କିଂ ଯୋଗୁଁ ସଂକୁଚିତ ହେଉଛି ପ୍ରଶସ୍ତ ରାସ୍ତା । ଯାତାୟାତରେ ସମୟରେ କେବଳ ସମସ୍ୟା ସୃଷ୍ଟି ହେଉନି, ଦୁର୍ଘଟଣା ଯୋଗୁ ଧନ ଜୀବନ ହାନି ମଧ ହେଉଛି । ସମ୍ବଲପୁର-ଝାରସୁଗୁଡ଼ା ବିଜୁ ଏକ୍ସପ୍ରେସ୍ ୱେ'ରେ ପ୍ରସ୍ତାବିତ ଟ୍ରକ୍ ଟର୍ମିନାଲ ନିର୍ମାଣରେ ବିଳମ୍ବ ଯୋଗୁଁ ଲୋକଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି । ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ସମ୍ବଲପୁର ମହାନଗରକୁ ଚାରିପଟେ ରାଜପଥ ସଂଯୋଗ କରିଛି । ବିଜୁ ଏକ୍ସପ୍ରେସ୍ ୱେ ଏବଂ ଜାତୀୟ ରାଜପଥରେ ଯିବା ପାଇଁ ଟୋଲଗେଟ୍ ରହିଛି । ବରଗଡ଼, ଝାରସୁଗୁଡ଼ା, ଦେବଗଡ଼ ଓ ଅନୁଗୁଳ ଆଦି ଯେଉଁ ଦିଗକୁ ଗାଡ଼ିରେ ଯାତାୟାତ କଲେ ଟିକସ ଦେବାକୁ ପଡୁଛି । ରାଜପଥରେ ବିଭିନ୍ନ ଜାଗାରେ ଭାରୀଯାନ ପାର୍କିଂ ଯୋଗୁ ରାସ୍ତା ସଂକୁଚିତ ହେଉଥିବା ଜିଲ୍ଲାରେ ସଡ଼କ ଦୁର୍ଘଟଣା ବଢ଼ିବାରେ ଲାଗିଛି । ସମୟର -ଆବଶ୍ୟକତାକୁ ଦୃଷ୍ଟିରେ ରଖି ଟ୍ରକ୍ ଟର୍ମିନାଲ ନିର୍ମାଣ ନିମନ୍ତେ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ(ଏସ୍‌ଡିଏ) ଗତ ୨୦୧୧ ମସିହାରେ ଏଥିପାଇଁ ଯୋଜନା ପ୍ରସ୍ତୁତ କରିଥିଲେ । ଆବଶ୍ୟକ ଜମି ଯୋଗାଇବା ନିମନ୍ତେ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରାଯାଇଥିଲା । ଜିଲ୍ଲା ପ୍ରଶାସନ କିନ୍ତୁ ଜମି ଯୋଗାଇବାରେ ବିଳମ୍ବ କରିବାରୁ ୨୦୧୪ ମସିହାରେ ନିଜେ ଜମି କିଣି ଟ୍ରକ୍ ଟର୍ମିନାଲ ନିର୍ମାଣ ପାଇଁ ଏସ୍‌ଡିଏ ନିଷ୍ପତ୍ତି ନେଇଥିଲା । ସହର ଉପକଣ୍ଠ ଗୋପାଳପାଲି ପାଖରେ ଥିବା ଗୋପାଳଜୀ ମଠ ଜମିରେ ଟ୍ରକ୍ ଟର୍ମିନାଲ ଉଦ୍ୟମ ଫେଲ୍ ମାରିଥିଲା । ୨୦୧୫ ମସିହାରେ ଜୟନ୍ତପୁର ଠାରେ ଜମି ଯୋଗାଇବା ପାଇଁ ରାଜସ୍ୱ ବିଭାଗକୁ କରାଯାଇଥିବା ଅନୁରୋଧ ଫଳବତୀ ହୋଇପାରି ନ ଥିଲା । ଜନ ଅସନ୍ତୋଷ ବଢିବା ପରେ ୨୦୧୯ ମସିହାରେ ପ୍ରଶାସନ ଏକ କମିଟି ଗଠନକରି ପଣ୍ଡଲୋଇଠାରେ ଜମି ଚିହ୍ନଟ କରିଥିଲା । ୧୧ ଏକର ଜମିରେ ଟ୍ରକ୍ ଟର୍ମିନାଲ ପାଇଁ ପ୍ରଶାସନ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିଥିଲା । ଗ୍ୟାରେଜ, ଶୌଚାଳୟ, ବିଶ୍ରାମାଗାର, ସ୍ୱାସ୍ଥ୍ୟକେନ୍ଦ୍ର, ରେଷ୍ଟୁରାଣ୍ଟ ଆଦି ଏଠାର ନିର୍ମାଣ ଯୋଜନା ରହିଛି । ଇତିମଧରେ ୬ ବର୍ଷ ଅତିକ୍ରାନ୍ତ ହେବା ପରେ ବି ପ୍ରକଳ୍ପ ନିର୍ମାଣ ହୋଇପାରି ନାହିଁ ।

ଯୋଗାଇବାରେ ବିଫଳ ସମ୍ବଲପୁର ଓ ଝାରସୁଗୁଡ଼ା ମଧରେ ଗଢ଼ି ଉଠିଛି କଳକାରଖାନା । କାରଖାନାଗୁଡ଼ିକୁ ବିଭିନ୍ନ ସାମଗ୍ରୀ ନେବାଆଣିବା କାର୍ଯ୍ୟରେ ନିୟୋଜିତ ଭାରୀଯାନଗୁଡ଼ିକୁ ନିଜ ପାଳି ଆସିବା ପର୍ଯ୍ୟନ୍ତ ଦିନ ଦିନ ଧରି ପ୍ରତୀକ୍ଷା କରିବାକୁ ପଡୁଛି । ସ୍ଥାନାଭାବ ଯୋଗୁଁ ଗାଡ଼ିଗୁଡ଼ିକ ରାଜପଥ ଉପରେ ଅଟକି ରହି ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି । ଏ ସଂକ୍ରାନ୍ତରେ ଆର୍‌ଟିଓ ରାମଦାସ ଟୁଡୁଙ୍କୁ ପଚାରିବାରୁ ଜିଲ୍ଲାରେ ହେବାକୁ ଥିବା ୩ ଟ୍ରକ୍ ଟର୍ମିନାଲ ମଧରୁ ୫୫ ନମ୍ବର ଜାତୀୟ ରାଜପଥର ଚାରମାଳ ପାଖ ରାଣିବେଡ଼ା ଏବଂ ୫୩ ନମ୍ବର ଜାତୀୟ ରାଜପଥର ପତ୍ରାପାଲି ନିକଟରେ ଟ୍ରକ୍ ଟର୍ମିନାଲ ନିର୍ମାଣ କାମ ଜୋର୍‌ସୋର୍‌ରେ ଚାଲିଛି । ଆସନ୍ତା ୨ ମାସ ମଧରେ ଏହା ସଂପୂର୍ଣ୍ଣ ହୋଇଯିବ ତେବେ, ବିଜୁ ଏକ୍ସପ୍ରେସ୍ ୱେ'ର ପଣ୍ଡଲୋଇ ପ୍ରକଳ୍ପ ପାଇଁ ସରକାରଙ୍କ ପକ୍ଷରୁ ଆଉ ଥରେ ଟେଣ୍ଡର ଆହ୍ୱାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ପତ୍ରାପାଲି ଠାରେ ୭.୫୦ ଏକର ଜମିରେ ୧୨ କୋଟି ୯ ଲକ୍ଷ ୬୮ ହଜାର ୪୭୩ ଟଙ୍କା ଏବଂ ରାଣିବେଡ଼ା ଠାରେ ୧୦ ଏକର ଜମିରେ ୧୪ କୋଟି ୧୬ ଲକ୍ଷ ୮୮ ହଜାର ୮୩୮ ଟଙ୍କା ବ୍ୟୟରେ ଟ୍ରକ୍ ଟର୍ମିନାଲ ନିର୍ମାଣ କରାଯାଉଛି । ରାଣିବେଡ଼ାରେ ୨୫୦ରୁ ୩୦୦ ଟ୍ରକ୍ ଏବଂ ପତ୍ରାପାଲିଠାରେ ୧୫୦ ଟ୍ରକ୍ ରହଣି ବ୍ୟବସ୍ଥା ରହିଛି ।

## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ସମ୍ବଲପୁରରେ ଶ୍ରୀ ଶ୍ରୀ ସିଦ୍ଧିବିନାୟକ ମନ୍ଦିରର ପ୍ରତିଷ୍ଠା ମହୋତ୍ସବ


















ସମ୍ବଲପୁର : ସମ୍ବଲପୁର ପ୍ରେସକ୍ଲବ୍ ପକ୍ଷରୁ ନବନିର୍ମିତ ଶ୍ରୀ ଶ୍ରୀ ସିଦ୍ଧିବିନାୟକ ମନ୍ଦିରର ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବର ଶେଷ ଦିନରେ ହୋମଯଜ୍ଞ, ବେଦ ଓ ମନ୍ତ୍ରପାଠ, ସାଧୁ ସନ୍ଥଙ୍କ ଗହଣରେ ଶ୍ରୀ ସିଦ୍ଧିବିନାୟକ ଓ ଶ୍ରୀ ସିଦ୍ଧିନାଥ ମହାଦେବଙ୍କ ପ୍ରାଣ ପ୍ରତିଷ୍ଠା ହୋଇଥିଲା । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରୀ ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଆସି ଶ୍ରୀ ସିଦ୍ଧିବିନାୟକଙ୍କ ଦର୍ଶନ ଲଭିଥିଲେ । ବିଶ୍ୱାତ୍ମ ଚେତନା ପରିଷଦର ପ୍ରତିଷ୍ଠାତା ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ଉତ୍ସବରେ ସାମିଲ ହୋଇ ଶ୍ରୀ ସିଦ୍ଧି ବିନାୟକଙ୍କ ପ୍ରଥମ ଆଳତି କରିଥିଲେ । କଟକ ରାସବିହାରୀ ମଠର ବାବାଜୀ ନୀଳାଚଳ ଦାସ ମହାରାଜ ଏହି ଅବସରରେ ଆୟୋଜିତ ଶ୍ରୀ ଭାଗବତ କଥାମୃତର ପ୍ରବଚନ ଦେଇଥିଲେ । ପଣ୍ଡିତ ସଚ୍ଚିଦାନନ୍ଦ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ପଣ୍ଡିତ ମୁକେଶ ପୁରୋହିତ, ପଣ୍ଡିତ ବିଦ୍ୟାଭୂଷଣ ନାୟକ, ପଣ୍ଡିତ ବିଶ୍ୱନାଥ ପଣ୍ଡା, ପଣ୍ଡିତ ହରିଶଙ୍କର ପଣ୍ଡା, ପଣ୍ଡିତ ଶତାକ୍ଷୀ ପ୍ରସାଦ ମିଶ୍ର, ପଣ୍ଡିତ ସିଦ୍ଧାର୍ଥ ଦାଶ ପ୍ରମୁଖ ପ୍ରତିଷ୍ଠା କାର୍ଯ୍ୟ ସମ୍ପାଦନ କରିଥିଲେ । ପ୍ରେସ୍ କ୍ଲବ ସଭାପତି ତିବିକ୍ରମ ପ୍ରଧାନ ତାଙ୍କ ଧର୍ମ ପତ୍ନୀ ସ୍ମୃତିରେଖା ପ୍ରଧାନ, ସାମ୍ବାଦିକ ଜ୍ଞାନରଂଜନ ମିଶ୍ର ଓ ଭାବନା ତ୍ରିପାଠୀ ପ୍ରମୁଖ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ପ୍ରେସକ୍ଲବ୍ ସଭାପତି ତ୍ରିବିକ୍ରମ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ସଭାପତି ଅର୍ଜୁନ ରଞ୍ଜନ ପଣ୍ଡା, ହେମନ୍ତ କୁମାର ମହାପାତ୍ରଙ୍କ ସମେତ କ୍ଲବ୍‌ର ବହୁ ସଦସ୍ୟ ସଦସ୍ୟା ଓ ସେମାନଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ । ଏହି ଅବସରରେ ଅନ୍ନକୋଟ, ସଂକୀର୍ତ୍ତନ, ଭଜନସନ୍ଧ୍ୟା, ଭାଗବତ ପ୍ରବଚନ ଆଦି ଅନୁଷ୍ଠିତ ହୋଇଥିଲା । ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀ, ସ୍ୱାମୀ ପ୍ରେମାନନ୍ଦ ସରସ୍ୱତୀ, ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ପ୍ରଫେସର ସେବକ ତ୍ରିପାଠୀ, ପ୍ରଫେସର କୃପାସିନ୍ଧୁ ମହାପାତ୍ର, ଡାକ୍ତର ଦୁର୍ଗା ଶଙ୍କର ଶତପଥୀ, ଅବସରପ୍ରାପ୍ତ ପ୍ରାଧାପିକା ଶ୍ରୀଲତା ମିଶ୍ର, ଡାକ୍ତର ସୁରେନ୍ଦ୍ର ପଣ୍ଡା, ପରମେଶ୍ୱର ଦାଶ, ବିମଳ ପାଣ୍ଡିଆ, ସରୋଜ ମହାପାତ୍ର, ସୀତାରାମ ଅଗ୍ରୱାଲ, କେଶବ ଡାଲମିଆ, ରାଧାମାଧବ ବହିଦାର ପ୍ରମୁଖଙ୍କ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଓ ଭକ୍ତବୃନ୍ଦ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ରାମସାଗର ସାହୁ, ସୁବ୍ରତ ସାହୁ ଏବଂ ନିରଜ ସାହୁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

## ରୋଟାରୀ କ୍ଲବ ପକ୍ଷରୁ ରକ୍ତଦାନ ଶିବିର

ସମ୍ବଲପୁର : ନୂତନ ରୋଟାରୀ ବର୍ଷ ଆରମ୍ଭ ଅବସରରେ ରୋଟାରୀ କ୍ଲବ ସମ୍ବଲପୁର ପକ୍ଷରୁ ଏକ ରକ୍ତଦାନ ଶିବିର ହୋଇଯାଇଛି । ଏଥିରେ ୧୫୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । କ୍ଲବ ଅଧକ୍ଷ ରଶ୍ମିରଞ୍ଜନ ମହାପାତ୍ର ଓ ସଚିବ ଦେବାଶିଷ ରାୟଗୁରୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶିବିରରେ ଉପସଭାପତି ଶ୍ରୀକାନ୍ତ ମୁଖାର୍ଜୀ, କୋଷାଧକ୍ଷ ରଞ୍ଜିତ ସିଂହ, ବରିଷ୍ଠ ସଦସ୍ୟ ରାଜକିଶୋର ଦାସ, ଉଦିତ ପ୍ରସାଦ ବାବୁ, ଟି.ଏସ୍. ମଣି, ବିକ୍ରମ ସେନାପତି, ସୁଜିତ ପାଣିଗ୍ରାହୀ, ଶଙ୍କର ଶତପଥି, ପ୍ରମୋଦ ରଥ, ଡାକ୍ତର ଦୁର୍ଗା ଶଙ୍କର ଶତପଥି, ଅନନ୍ୟା ନାଏକ, ଏ.ଏମ ତରାଜ, ଦାମୋଦର କର, ପ୍ରବୀଣ ସୁରୀ, ତୁଷାର ପ୍ରଧାନ ଓ ସୋନୁ ମହାପାତ୍ର ପ୍ରମୁଖ ଏଥିରେ ଯୋଗ ଦେଇ ଶିବିର ପରିଚାଳନା କରିଥିଲେ । ଏହି ଅବସରରେ ଚାର୍ଟାଡ ଆକାଉଣ୍ଟାଣ୍ଟ ଏବଂ ବିଶିଷ୍ଟ ଡାକ୍ତରମାନଙ୍କୁ ସମ୍ମାନିତ କରାଯାଇଥିଲା ।




## ଯୁବ ଇଞ୍ଜିନିୟରଙ୍କ ଅକାଳ ବିୟୋଗ

ସମ୍ବଲପୁର : ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଭତରା ନିବାସୀ ଉମାକାନ୍ତ ପଣ୍ଡାଙ୍କ ବଡ଼ ପୁଅ ଇଂ. ରାଜେଶ କୁମାର ପଣ୍ଡା(୩୪)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ସେ ପ୍ରାୟ ଏକ ମାସ ତଳେ ଏକ ଘରୋଇ କମ୍ପାନିରେ ଚାକିରୀ ଜୀବନ ଆରମ୍ଭ କରିଥିଲେ । ସେ ଅତ୍ୟନ୍ତ ମେଳାପି ଓ ପରୋପକାରୀ ଯୁବକ ଥିଲେ । ତାଙ୍କର ମୃତ୍ୟୁ ଖବର ପାଇ ପୂର୍ବତନ ମନ୍ତ୍ରୀ ତଥା ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ଏବଂ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ ଶେଷ ଦର୍ଶନ ପାଇଁ ପହଞ୍ଚିଥିଲେ । ରାଜଘାଟରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଥିବା ବେଳେ ଭାଇ ରିତେଶ ମୁଖାଗ୍ନି ଦେଇଥିଲେ ।



Printed, Published and Owned by Hemanta Kumar Mahapatra, Printed at Impressions Press,Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra